Annual Subscription Rs. 40.00 only

ମାସିକ ସାହିତ୍ୟ ଓ ଅଧ୍ୟାତ୍ମ ପତ୍ରିକା

ବିଂଶ ବର୍ଷ ◆ ଦ୍ୱିତୀୟ ସଂଖ୍ୟା ◆ ଜୁନ ୨୦୧୦

This bodily appearance is not all;
The form deceives, the person is a mask;
Hid deep in man celestial powers can dwell.

*(Savitri-23)* *– Sri Aurobindo*

*ରୂପ ଏଇ ଶରୀରର ନୁହେଁ ସବୁକିଛି*
*ପ୍ରତାରଣା କରେ ରୂପ, ବ୍ୟକ୍ତି ସ୍ୱୟଂ ଏକ ମୁଖା;*
*ମଣିଷର ଗଭୀର ଗୋପନ ଅନ୍ତରେ, ବସବାସ କରିପାରନ୍ତି ସ୍ୱର୍ଗଶକ୍ତି ରାଜି ।*

– ଶ୍ରୀଅରବିନ୍ଦ

**ମାତୃଭବନ**
ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

# ସାଙ୍ଗଠନିକ ଗୋଷ୍ଠୀର ଯାତ୍ରା ପଥ




ଜୁଲାଇ ୧ (ଢେଙ୍କାନାଳ ଜିଲ୍ଲା) ଠାରୁ
ଜୁଲାଇ ୩୦ (କଟକ ଜିଲ୍ଲା) ପର୍ଯ୍ୟନ୍ତ

# ବାବାଜି ମହାରାଜଙ୍କ ପତ୍ରାବଳୀ.......

**୧୩.୩.୭୬ :** ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ମା'ଙ୍କ କୃପାରୁ କୁଶଳ ଏବଂ ପ୍ରସନ୍ନତା ସହିତ ମା'ଙ୍କ କାର୍ଯ୍ୟ କରୁଥିବେ। ଏଠାରେ ସବୁ ଖବର ଭଲ। 'ର'ଙ୍କ ସଙ୍ଗେ କଥାବାର୍ତ୍ତା ହୋଇଥିଲା। ସେ ମିଳିମିଶି କାମ କରିବାକୁ କହୁଥିଲେ। ତାଙ୍କ ମନୋଭାବ ତ ଆପଣ ଜାଣନ୍ତି। ତାଙ୍କୁ ସଙ୍ଗରେ ରଖି କିଛି କାମ ପରିସ୍ଥିତି ଅନୁସାରେ ଦେଇଦେବାକୁ ହେବ। କୌଣସି ଅବସ୍ଥାରେ ବି ସେ ବସି ରହିବେ ନାହିଁ।



ଆବଶ୍ୟକ ହେଲେ ଶ୍ରୀକ୍ଷେତ୍ର ଟ୍ରଷ୍ଟ କରାଇନେବେ। ଡାଲିଯୋଡ଼ା ବ୍ୟାଙ୍କ ଋଣ ବିଷୟରେ ପ୍ରତିକାର କରାଇବା ବି ଆବଶ୍ୟକ।

**୧.୬.୭୬ :** ଆପଣଙ୍କ ତାର ପାଇଲି। ଆଜିକାଲି ଚିଠି ବହୁତ ବିଳମ୍ବରେ ଆସୁଛି। ଛୋଟେନାରାୟଣଜିଙ୍କ ପାସ ବୋଧହୁଏ ଆସନ୍ତାକାଲି ସୋମବାରକୁ ମିଳିପାରେ।

ଆଶ୍ରମ ସାଧକ ଜତୀନଦା ଗତକାଲି ୩୧/୧ରେ ଶରୀର ତ୍ୟାଗ କଲେ।

ଓଡ଼ିଶା ପାଠଚକ୍ର ବିଷୟରେ ଯେଉଁ କମିଟି କରିବା କଥା ତାର ବ୍ୟବସ୍ଥା କରାହେଲେ ଭଲ ହେବ।

ଡାଲିଯୋଡ଼ା ଋଣ ବିଷୟରେ ଲେଖିବେ। ମା'ଙ୍କ କୃପାରୁ ଆଉ ସବୁ ଖବର ଭଲ। ପ୍ରେସ ତଥା ନବଜ୍ୟୋତି ଭାଇମାନଙ୍କର ପ୍ରଣାମ ଗ୍ରହଣ କରିବେ। ମୋ ପୂର୍ବପତ୍ର ପାଇଥିବେ। ଆଜି ପର୍ଯ୍ୟନ୍ତ ଆସିଥିବା ପତ୍ର ଆପଣଙ୍କ ପାଖକୁ ପଠାଇଦେଇଅଛି।

**୨୯.୧.୭୬ :** ପାଧେଜିଙ୍କ ଠାରୁ ଶୁଣିଲି ଆପଣ ଆସୁନାହାନ୍ତି। ସେହି ସକାଶେ ଏହିପତ୍ର ଲେଖିଲି।

ର'ଙ୍କ ସୋସାଇଟିରେ ଯେଉଁ ପରିବର୍ତ୍ତନ ହେବ ସେଥିରେ ଆମ ଦେବେନ୍ଦ୍ରବାବୁ ଯଦି ପ୍ରେସିଡେଣ୍ଟ ରହିବାରେ ସୁବିଧା ନହୁଏ ତେବେ ମେମ୍ବର ରଖାଯାଇପାରିବ ତ? ମାଧବ ପଣ୍ଡିତ କହୁଥିଲେ ର'ଙ୍କ ସୋସାଇଟିରେ ଛୋଟେନାରାୟଣଙ୍କ ନାମ ତଥା .. ପ୍ରଫେସର ଜଏସ୍ୱାଲ ନାମ ରଖିଲେ ଭଲହେବ। ମୋର ମନେହୁଏ ଏହି ଦୁଇଜଣଙ୍କ ସହିତ ମାଧବ ପଣ୍ଡିତଙ୍କ ନାମ ବି ରଖାହୋଇପାରେ। ଆପଣ ଆସିଲେ କଥାବାର୍ତ୍ତା ହେବ।

ଛୋଟେନାରାୟଣଜି ଠିକ ସମୟରେ ଯିବେ। ନବଜ୍ୟୋତି ତଥା ପ୍ରେସ ଭାଇମାନଙ୍କର ପ୍ରଣାମ ଗ୍ରହଣ କରିବେ। ମା'ଙ୍କ କୃପାରୁ ମୋ ଦେହ ଭଲ ଅଛି। ଆପଣଙ୍କ ଚିଠି ସବୁ ଦୟାନିଧି ବାବୁଙ୍କ ଦ୍ୱାରା ପଠାଇଦେବି।

**୧୬.୧.୭୬ :** ଡାଲିଯୋଡ଼ା ବିଷୟ ଲେଖିବେ। ପାଧେଜି ପଚାରୁଥିଲେ ଆପଣ ୧୮କୁ ଆସିବେ ତ? ସମସ୍ତ ଭାଇମାନଙ୍କର

ପ୍ରଣାମ ଗ୍ରହଣ କରିବେ।

**୩୦.୧.୭୪ :** ଆଜି ବର୍ତ୍ତମାନ ଡକ୍ଟର ଅଶୋକ ବାବୁଙ୍କଠାରୁ ଆପଣଙ୍କ ପତ୍ର ପାଇଲି ଏବଂ ତାଙ୍କଠାରୁ ସେମିନାରର ସମସ୍ତ ଖବର ଶୁଣିଲି। ମୋତେ ବହୁତ ପ୍ରସନ୍ନତା ହେଲା। ଓଡ଼ିଶା ଉପରେ ସ୍ପଷ୍ଟରୁପେ ମା'ଙ୍କ କୃପା ଦୃଷ୍ଟିପଡ଼ିଛି। ଓଡ଼ିଶାରେ ଅଧ୍ୟାତ୍ମ ସତ୍ୟର ଭିତ୍ତି ସ୍ଥାପନ ହେଲେ ଓଡ଼ିଶା ଉନ୍ନତିର ଉଚ୍ଚ ଅଟ୍ଟାଳିକା ନିର୍ମାଣ ସୁନିଶ୍ଚିତ। ଓଡ଼ିଶାର ଉନ୍ନତି କେବଳ ଅଧ୍ୟାତ୍ମ ସତ୍ୟ ଭିତ୍ତିରେ ହିଁ ହେବ।

ବର୍ତ୍ତମାନ ବିଶୃଙ୍ଖଳା ଦେଖି ନିରାଶ ହେବାର କୌଣସି କାରଣ ନାହିଁ। ଓଡ଼ିଶାବାସୀ ଏହି ସତ୍ୟ ଗ୍ରହଣ କରିବା ସକାଶେ ଆଗ୍ରହ ହେଲେ ବାକି ସବୁ ଆପେ ଆପେ ହେବ। ବର୍ତ୍ତମାନ ମୋ ଦେହ ଅବସ୍ଥା ସେହିପରି। କୌଣସି ବିଶେଷ ପରିବର୍ତ୍ତନ ହୋଇନାହିଁ। କବିରାଜି ଔଷଧ ଖାଉଛି, ତେଲ ମଧ୍ୟ ମାଲିସ ହେଉଛି। କିଛିଦିନ ପରେ ଶରୀର ଭଲ ହୋଇଯିବାର ଆଶା ଅଛି। ମା'ଙ୍କ କୃପାରୁ ଭଲ ହୋଇଯିବ।

ଅଫିସ୍ ଏବଂ ପ୍ରେସ ଭଲ ଚାଲିଛି।

ଆଶ୍ରମ ଖବର ସବୁ ଭଲ। ୨୬/୧ରେ ସ୍କୁଲ ଏବଂ ପ୍ଲେଗ୍ରାଉଣ୍ଡରେ ଦିନ ସାରା ପ୍ରୋଗ୍ରାମ ହୋଇଥିଲା। ନବଜ୍ୟୋତି ଏବଂ ପ୍ରେସର ଭାଇମାନଙ୍କର ପ୍ରଣାମ ନେବେ।

**୨୫.୫.୭୬ :** ମା'ଙ୍କ କୃପାରୁ ଆପଣ ଆଜିକାଲି ଯେଉଁ ନିର୍ଣ୍ଣୟ ନେଉଛନ୍ତି ବହୁତ ଠିକ ହେଉଅଛି। ମା'ଙ୍କ ଉପରେ ନିର୍ଭରତା ରଖି ତାଙ୍କରି ସେବା ଭାବରେ କର୍ମ କଲେ ମା'ଙ୍କ କୃପା ତାଙ୍କରି ପ୍ରେରଣାରେ ନିର୍ଣ୍ଣୟ ଠିକ ହୁଏ।

ମୁଁ ଭାବିଥିଲି ର' ବାବୁଙ୍କୁ କୌଣସି ନା କୌଣସି କାମ ଦେଇ ସାଙ୍ଗରେ ରଖିବା ସକାଶେ ଲେଖିବାକୁ। କିନ୍ତୁ ଆପଣ ସେଇ କଥା ଲେଖିଥିବାରୁ ମୁଁ ପଢ଼ି ବହୁତ ଖୁସି ହେଲି। ଏଠାର ଆଉ ସବୁ ଖବର ଭଲ। ଛୋଟେନାରାୟଣଜି ୨୩ ସକାଳେ ରାଉରକେଲାରେ ପହଞ୍ଚିବେ। ନବଜ୍ୟୋତି କାର୍ଯ୍ୟାଳୟ ତଥା ପ୍ରେସର ଭାଇମାନଙ୍କର ପ୍ରଣାମ ନେବେ।

**୨.୭.୭୭ :** ଆପଣଙ୍କ ପତ୍ର ପାଇଲି। ନରହରି ବାବୁ ମଧ୍ୟ ପାଇଛନ୍ତି। ସମସ୍ତଙ୍କୁ କହିଦେଲି। ଦୟାନିଧି ବାବୁ ମଧ୍ୟ ଚିଠି ଶୁଣିଲେ। ବିଦ୍ୟୁତ୍ ପ୍ରଭା ଦେବୀଙ୍କ ଶ୍ରାଦ୍ଧ ସକାଶେ ଭୋଜି ବିଷୟରେ ଯୋଗାଡ଼ ହେଉଛି।

ଆଶ୍ରମରେ ଆଉ କୌଣସି ନୂଆ ଖବର ନାହିଁ। ଦେବେନ୍ଦ୍ର ବାବୁ ଆସିଥିଲେ। ଦୁଇଦିନ ନବଜ୍ୟୋତି କାର୍ଯ୍ୟାଳୟର ଉପର ରୁମରେ ରହିଲେ। ସେ ନଳିନୀଦା, ଚମ୍ପକଲାଲଙ୍କ ସଙ୍ଗେ ଦେଖା କରିଥିଲେ। ପ୍ରସନ୍ନତାରେ ଫେରିଲେ। ଉତ୍ସବବାବୁ ଖୁସିରେ ଥିବା ଜାଣି ପ୍ରସନ୍ନତା ହେଲା। ନବଜ୍ୟୋତି ତଥା ପ୍ରେସ ଭାଇମାନଙ୍କର ପ୍ରଣାମ ଗ୍ରହଣ କରିବେ।

**୧୪.୩.୭୬ :** ମା'ଙ୍କ କୃପାରୁ ଭଲରେ ଥିବେ। ମା'ଙ୍କ କାର୍ଯ୍ୟ ଭଲ ଚାଲିଥିବ। ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରରେ ଯଦି ଟ୍ରଷ୍ଟ କରିବାକୁ ହୁଏ ତେବେ ଏହିମାନଙ୍କ ନାମ ରଖିଲେ ଭଲ ହେବ ବୋଲି ମନେହୁଏ। ମୁଁ କେତେଗୁଡ଼ିଏ ନାମ ଲେଖୁଛି କିନ୍ତୁ ଆପଣ ଯେପରି ଉଚିତ ମନେକରିବେ ସେପରି କରିବେ।

ଓଡ଼ିଶାରେ ଯେଉଁ କମିଟି ଗଠନ କରାହେବ ସେଥିରେ ଦେବେନ୍ଦ୍ରବାବୁ ପ୍ରେସିଡେଣ୍ଟ ଏବଂ ଆପଣ ସେକ୍ରେଟେରୀ ରହିବେ। ପ୍ରତି ଜିଲ୍ଲାରେ କାର୍ଯ୍ୟ କରିବା ସକାଶେ ଗୋଟିଏ ଗୋଟିଏ କମିଟି ଗଠନ

କରାହେଉ। ସେହି ଜିଲ୍ଲା କମିଟିରୁ ଦୁଇତିନି ଜଣଙ୍କ ନାମ ଦେବେନ୍ଦ୍ରବାବୁଙ୍କ କମିଟିରେ ରଖାହେଉ।

ସେଣ୍ଟେନାରୀ କମିଟି ଗୋଟିଏ ପୃଥକ ହେବା ଉଚିତ। କିନ୍ତୁ ଜିଲ୍ଲାରେ ଯେଉଁ କମିଟି ହେବ ସେହି କମିଟି ସେଣ୍ଟେନାରୀ କାମ କରିବ ଏବଂ ଅନ୍ୟାନ୍ୟ କାମ କରିବେ। ସମସ୍ତ ଜିଲ୍ଲାକୁ ନେଇ ଯେଉଁ କମିଟି ହେବ ତାହା ସେଣ୍ଟେନାରୀ ତଥା ସ୍ଥାୟୀ ଦୁଇଟି କମିଟି ହେବ। ଏହିପରି ଧାରଣା। ଆପଣ ବିଚାର କରି ଯେପରି ଠିକ ହେବ ସେପରି କରିବେ।

**୨୦.୮.୭୫ :** ପୂର୍ଣ୍ଣବାବୁଙ୍କ ଦ୍ୱାରା ଆପଣଙ୍କ ପତ୍ର ପଠାଇଲି। ପୁରୀ ଗୃହ ବିଷୟରେ ନିର୍ଣ୍ଣୟ ହୋଇଗଲା। ପୂର୍ଣ୍ଣବାବୁଙ୍କଠାରୁ ବୁଝିବେ। ଏଠାରେ ଆଉ କୌଣସି ନୂଆ କଥା ଘଟିନାହିଁ। ଗତକାଲି ଜଗଜ୍ଜୀବନରାମ (ମନ୍ତ୍ରୀ) ପଣ୍ଡିଚେରୀ ଆସିଥିଲେ। ଆଶ୍ରମ ଆସିବାକୁ ଖବର ଦେଇଥିଲେ। କିନ୍ତୁ ସମୟ ନହେବାରୁ ଆସିପାରିଲେ ନାହିଁ।

**୧୮.୧୨.୭୫ :** ଦେବେନ୍ଦ୍ରବାବୁଙ୍କ ସକାଶେ ଗୋଟିଏ ଚିଠି ପଠାଇଲି। ତାଙ୍କୁ ଆପଣ ଦେଇଦେବେ।

କିରୀଟ ଭାଇଙ୍କ ପାଖକୁ ଗୋଟିଏ ଚିଠି ଦେଇଛି। ଏଠାରେ ଖବର ସବୁ ଭଲ। ଝଡ଼ ଲାଗି ରହିଛି। ଆଜି ସକାଳୁ ବର୍ଷା ବନ୍ଦ ଅଛି। କିନ୍ତୁ ମେଘ ଘୋଡ଼େଇଛି। ସନ୍ଧ୍ୟାକୁ ପୁନରାଏ ବର୍ଷା ହୋଇପାରେ।

**୨୩.୧୨.୭୫ :** ଡାଲିଯୋଡ଼ା ଋଣ ବୋଧହୁଏ ପରିଶୋଧ ହୋଇଥିବ। ଯଦି ଏପର୍ଯ୍ୟନ୍ତ ନହୋଇଥାଏ ତେବେ କୌଣସିମତେ ଉଧାର କରି ପରିଶୋଧ କରିଦେବା ଭଲ। ଶେଷ ଅବସ୍ଥାରେ ଯଦି କିଛି ଟଙ୍କା ଅଭାବ ହୁଏ ତେବେ ଯେତେଟଙ୍କା ମିଳିଛି ତାକୁହିଁ ବ୍ୟାଙ୍କରେ ଦେଇଦେବା ଭଲ। କିନ୍ତୁ ସବୁ ଟଙ୍କା ଦେଇଦେବାକୁ ଚେଷ୍ଟା କରନ୍ତୁ ଏବଂ ଦେଇଦେବା ବହୁତ ଭଲ ହେବ।

ଛୋଟେନାରାୟଣଜି ଆସି ନାହାନ୍ତି। ଏକ ସପ୍ତାହ ପରେ ଆସି ପାରନ୍ତି କିମ୍ବା ଏକ ସପ୍ତାହରୁ ଅଧିକ ସମୟ ଲାଗିପାରେ। ପ୍ରଦ୍ୟୁତ୍‌ଦା ୨୪/୧୨ କୁ ଆସୁଛନ୍ତି। ଏଠାରେ ଆଉ ନୂତନ ଖବର କିଛି ନାହିଁ। କିରୀଟ ଭାଇଙ୍କ ପାଖକୁ ଗୋଟିଏ ଚିଠି ଦେଇଛି। ଦେବେନ୍ଦ୍ରବାବୁ ତାର କଲେ କିମ୍ବା ଫୋନରେ କହିଲେ ସେ ଆସିପାରିବେ। ଆପଣ ପହିଲାକୁ ଆସିବେ ନା ରହିବେ ? ଯାହା ସ୍ଥିର କରିଥିବେ ଲେଖିବେ। ଯଦି ସମୟ ମିଳେ ଦୁଇ ଚାରିଦିନ ସକାଶେ ଆସିପାରନ୍ତି। ନବଜ୍ୟୋତି ତଥା ପ୍ରେସର ଭାଇମାନଙ୍କର ପ୍ରଣାମ ଗ୍ରହଣ କରିବେ।

**୯.୧.୭୬ :** ଜଟଣୀ ସେମିନାର ଶେଷକରି ଆପଣ କଟକରେ ଏହିପତ୍ର ପାଇପାରିବେ। ଆପଣଙ୍କ କାର୍ଯ୍ୟ ଶେଷକରି ଆପଣ ଆସିବେ। ବୋଧହୁଏ ଫେବୃୟାରୀରେ ସେମିନାର ନହୋଇପାରେ।

ଛୋଟେନାରାୟଣଜି ଥିବା ସମୟରେ ଯଦି ଆପଣ ଏପତ୍ର ପାଆନ୍ତି ତେବେ ତାଙ୍କୁ କହିବେ ସେ ଯେପରି ଉଚିତ ମନେକରିବେ ଶୀଘ୍ର ଆସିପାରନ୍ତି କିମ୍ବା ବିଳମ୍ବରେ ଆସିପାରନ୍ତି। ଶୀଘ୍ର ଆସିଲେ କ'ଣ କରିବେ ? ତାଙ୍କର ଯେପରି ଇଚ୍ଛା ହେବ। ବ୍ୟାଙ୍କ କାର୍ଯ୍ୟ ନିଷ୍ପତ୍ତି କରିବାକୁ ବିଶେଷ ଚେଷ୍ଟା କରିବେ।

*ଆପଣଙ୍କର ଶୁଭଚିନ୍ତକ*

*ଶ୍ରୀ ରାମକୃଷ୍ଣ ଦାସ*

●

# କଥାରେ କଥାରେ...

ମନୁଷ୍ୟର ଜରା ମୃତ୍ୟୁ ବିଷୟରେ କଥା ହେଉଥିଲା । ମନୁଷ୍ୟର ବାର୍ଦ୍ଧକ୍ୟ, ଜରା, ମୃତ୍ୟୁ କ'ଣ ଅବଶ୍ୟମ୍ଭାବୀ ? ତାର ଚିରନ୍ତନ ଭବିତବ୍ୟ ?

ଦାଦା, କହିଲେ, ତାହା କହିବି କିପରି ? ତେବେ ମା - ଶ୍ରୀଅରବିନ୍ଦଙ୍କର ଆଦର୍ଶ, ସେମାନଙ୍କର ସାଧନା ତ ଅପୂର୍ଣ୍ଣ ରହିଯିବ ! ଚିରଦନ ମନୁଷ୍ୟ ଯାହା ସ୍ୱପ୍ନ ଦେଖିଛନ୍ତି, ଯାହା ଚାହିଛନ୍ତି, ଯାହା ଭାବିଛନ୍ତି, ଦିନେ ତ ତାହା ସତ୍ୟ ହୋଇ ଉଠିଛି । ଯୁଗ ଯୁଗ ଧରି ଏହାହିଁ ସତ୍ୟ । ମୃତ୍ୟୁ ଯେମିତି ଅଛି, ସେମିତି ତାକୁ ଜୟ କରିବାର ମୃତ୍ୟୁକୁ ଅତିକ୍ରମ କରି ଅମରତ୍ୱ ନିମନ୍ତେ ମନରେ ପ୍ରାଣରେ ମନୁଷ୍ୟ ଚିରଦିନ ମାଗି ଆସିଛି । ମନୁଷ୍ୟର ଏହି ଅନ୍ତରର ମାଗିବା, ତା'ର ସ୍ୱପ୍ନହିଁ ପ୍ରମାଣ କରୁଛି, ମନୁଷ୍ୟ ଦିନେ ଜରା ମୃତ୍ୟୁକୁ ଜୟ କରିବ । ଶ୍ରୀଅରବିନ୍ଦ ମା'ଙ୍କର ସାଧନା ତାହାକୁ ଅବଶ୍ୟ ଦିନେ ସଫଳ କରି ପାରିବ । ଏହି ବିଷୟରେ କଟକର ଶ୍ରୀଅରବିନ୍ଦ ମେଡିକ୍ୟାଲ ଏସୋସିଏସନର ସ୍ମାରକ ଗ୍ରନ୍ଥରେ ମୁଁ ଗୋଟିଏ ଲେଖିଥିଲି ସେମାନଙ୍କର ଅଷ୍ଟମ ବାର୍ଷିକ ସମ୍ମେଳନ ଉପଲକ୍ଷ୍ୟେରେ (୧୪.୮.୯୭ ମସିହାରେ) "In Pursuit of Immortality" ନାମରେ । ତୁମ୍ଭେମାନେ ତାହାକୁ ପଢ଼ି ପାରିବ । ଏହା କହି ଦାଦା ତାଙ୍କର ଲେଖାଟିକୁ ପଢ଼ିବାକୁ ଦେଲେ । (ଏଠାରେ ତାର ଅନୁବାଦ ଦିଆଗଲା)

### ଅମରତ୍ୱର ସନ୍ଧାନରେ

ଅନାଦିକାଳରୁ ମନୁଷ୍ୟ ମୃତ୍ୟୁକୁ ଜୟ କରିବାକୁ ଚେଷ୍ଟା କରି ଆସୁଛି । ଆମ୍ଭେ ପୁରାଣରେ ପଢୁ, ଋଷିମାନେ ଏମିତିକି ଅସୁରମାନେ ମଧ ଅମରତ୍ୱ ଲାଭ ନିମନ୍ତେ ତପସ୍ୟା କରିଛନ୍ତି । ମଧ ଯୁଗରେ ଇଉରୋପରର ରାଜାମାନେ ଅପରସାୟନ୍‌ବିଦ୍ (alchemist) ଜ୍ଞାନୀମାନଙ୍କୁ ରଖୁଥିଲେ, ସେମାନେ ଚେଷ୍ଟା କରୁଥିଲେ ସେହି ପ୍ରକ୍ରିୟା ଆବିଷ୍କାର କରିବାକୁ ଯାହାଫଳରେ ମନୁଷ୍ୟର ଜୀବନ ଓ ଯୌବନ ଚିରସ୍ଥାୟୀ କରାଯାଇ ପାରିବ । ତା'ଛଡ଼ା କିପରି ସୁନା ତିଆରି କରାଯାଏ ସେହି ପ୍ରକ୍ରିୟା ଆବିଷ୍କାର ପାଇଁ ସେମାନେ ଚେଷ୍ଟା କରୁଥିଲେ । ରାଜାମାନେ ଚାହୁଁଥିଲେ ସେମାନଙ୍କର ଜୀବନକୁ ଉପଭୋଗ କରିବାକୁ । ସେଥିପାଇଁ ନିଜର ଜୀବନକୁ ଦୀର୍ଘସ୍ଥାୟୀ କରିବା, ଯୌବନକୁ ଅକ୍ଷୟ କରି ରଖିବାପାଇଁ, ଦରକାର ପ୍ରଚୁର ଅର୍ଥ । ଏହିସବୁ ଉଦ୍ଦେଶ୍ୟ ସାଧନ ନିମନ୍ତେ ସେମାନେ ଅପରସାୟନବିଦ୍ ନିଯୁକ୍ତ କରୁଥିଲେ । ଅନେକ ଗପବି ଲେଖା ହୋଇଛି ଯେଉଁଥିରେ ଲେଖକମାନେ ବର୍ଣ୍ଣନା କରିଛନ୍ତି ସେହି ଅମରତ୍ୱ ସନ୍ଧାନର କଥା ।

ସେହି ଏକହିଁ ଉଦ୍ଦେଶ୍ୟ ମନୁଷ୍ୟକୁ ପ୍ରରୋଚିତ କରିଛି ଚିକିତ୍ସା ବିଜ୍ଞାନ ଦ୍ୱାରା ଅସୁସ୍ଥତା ରୋଗ ବ୍ୟାଧି ଓ ମୃତ୍ୟୁକୁ ଅତିକ୍ରମ କରିବା । ଅନେକ ବିଖ୍ୟାତ ବିଜ୍ଞାନୀ ଏହି ରହସ୍ୟର ସମାଧାନରେ ବ୍ୟାପୃତ ରହିଛନ୍ତି ।

ଆମ୍ଭମାନଙ୍କ ଦିଗରୁ, ଆମ୍ଭେମାନେ ନିଜକୁ ମା - ଶ୍ରୀଅରବିନ୍ଦଙ୍କ ହାତରେ ସମର୍ପି ଦେଇଛୁ; ଜୀବନର ପ୍ରତି ସ୍ତରରେ ଘଟୁଥିବା ସକଳ ସମସ୍ୟା ସହିତ ରୋଗ, ବ୍ୟାଧି,

ବାର୍ଦ୍ଧକ୍ୟ ଏବଂ ମୃତ୍ୟୁ ଠାରୁ ସେମାନଙ୍କର ପ୍ରତ୍ୟକ୍ଷ ପ୍ରଭାବରେ ଓ ହସ୍ତକ୍ଷେପରେ ଆମ୍ଭମାନଙ୍କୁ ସାହାଯ୍ୟ କରିବାକୁ।

ସେମାନଙ୍କଠାରୁ ଆମ୍ଭେମାନେ ଶିଖିଛୁ, ଏମିତି ଏକ ପ୍ରକ୍ରିୟା ଅଛି ଯାହାଦ୍ୱାରା ଆମ୍ଭେମାନେ ଏହି ଲକ୍ଷ୍ୟରେ ପହଞ୍ଚିପାରୁ। ସେମାନେ ଆମ୍ଭମାନଙ୍କୁ କହିଛନ୍ତି, ପ୍ରଥମରେ ଆବିଷ୍କାର କରିବାକୁ ହେବ ଆମ୍ଭମାନଙ୍କର ଅନ୍ତରାତ୍ମା ବା ଚୈତ୍ୟସତ୍ତାକୁ; ତାହାକୁ କେନ୍ଦ୍ରକରି, ସତ୍ତାର ଅନ୍ୟାନ୍ୟ ଅଂଶ, ଯେପରି ମନ ପ୍ରାଣ ଦେହକୁ ସଙ୍ଗଠିତକରି ଧରିବାକୁ ହେବ। ଆମ୍ଭମାନଙ୍କର ସତ୍ତାର ଜଡ଼ ଅଂଶ ଯଦି ଚୈତ୍ୟସତ୍ତାର ଅଧିନରେ ନିୟନ୍ତ୍ରିତ ହୁଏ, ତେବେ ଚୈତ୍ୟସତ୍ତା ଆମ୍ଭମାନଙ୍କୁ ଅସୁସ୍ଥତା ବାର୍ଦ୍ଧକ୍ୟ ଓ ମୃତ୍ୟୁକୁ ଜୟ କରି ଆମ୍ଭମାନଙ୍କୁ ଲକ୍ଷ୍ୟରେ ପହଞ୍ଚିବାକୁ ସାହାଯ୍ୟ କରିବ।

ଆତ୍ମା ଅମର। ଅତଏବ କାହିଁକି ତେବେ ସତ୍ତାର ଅନ୍ୟାନ୍ୟ ଅଂଶକୁ ଆତ୍ମା ତାର ଅମରତ୍ୱ ଲାଭର ସହାୟ ନ ହେବ ?

ମୁଁ ବିଶ୍ୱାସ କରେ, ମଣିଷ ଯାହା ଭାବେ, ଦିନେ ସେ ତାହା ହୋଇ ଉଠେ। ଏହା ଆମ୍ଭେମାନେ ସର୍ବତ୍ର ଦେଖିବାକୁ ପାଉ। ବହୁ ବର୍ଷ ଧରି ଚେଷ୍ଟାକରି ମଣିଷ ତାର ଅନେକ କଳ୍ପନାକୁ ବାସ୍ତବରେ ସମ୍ଭବ କରି ତୋଳିଛି। ସେଥିପାଇଁ ମଣିଷ ଯଦି ଲାଗି ରୁହନ୍ତି ତେବେ ଦିନେ ମୃତ୍ୟୁକୁ ଜୟ କରିବାର ସ୍ୱପ୍ନ ତାର ସତ୍ୟ ହେବ।

- ପ୍ରଣବ

xxxxx

ଆଜି ଦାଦା କେମିତି ଅନ୍ୟମନସ୍କ ହୋଇ ଅଛନ୍ତି। କ'ଣ କିଛି ଚିନ୍ତାରେ ଯେପରି ସେ ତନ୍ମୟ। ଅଥଚ ଅଫିସ୍‌ର କାମଦାମ କରୁଛନ୍ତି। ଲୋକମାନଙ୍କ ସହିତ କଥା ହେଉଛନ୍ତି। ଏଣୁତେଣୁ ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ ବେଶ୍ ଜଣା ପଡୁଛି ସେ ଭିତରେ ଭିତରେ ଗଭୀର କୌଣସି ଭାବରେ ମଗ୍ନ ହୋଇ ଅଛନ୍ତି।

ହଠାତ୍ ନିଜେହିଁ କହିଲେ, ଗୋଟିଏ ବିଷୟରେ ମୁଁ ଅନେକ ସମୟ ହେଲାଣି ଭାବୁଛି। କବିତାରେ ତାକୁ ଧରିବାକୁ ଚେଷ୍ଟା କରିଛି। ମୁଁ ଭାବେ, ଏହି ଯେ ଆମ୍ଭମାନଙ୍କର ଏହି ଆଶ୍ରମରେ ମା - ଶ୍ରୀଅରବିନ୍ଦଙ୍କର ଯୋଗ ସାଧନା ନେଇ କେତେ ଲୋକ ଆସିଲେ। ସେମାନଙ୍କ ଭିତରୁ କେହି ବୃଦ୍ଧ ହୋଇରଲେଣି, କେହି ମୃତ୍ୟୁମୁଖରେ ପଡ଼ିଲେଣି, କେହି ପାଗଳ ହୋଇଯାଇଛନ୍ତି। କେହି ପୁଣି କିଛିଦିନ ଏଠାରେ ରହି ପ୍ରଳିବି ଯାଇଛନ୍ତି। କେହି ବାହାସାହା ହୋଇ ସଂସାର ଜୀବନରେ ପ୍ରବେଶ କରିଛନ୍ତି। ଆମ୍ଭେମାନେ ସାଧାରଣତଃ କହିଥାଉ, ସେମାନେ ଯୋଗଭ୍ରଷ୍ଟ। ସେମାନେ ବିଫଳ।

କିନ୍ତୁ ମୋର ମନେ ହୁଏ ଏହିପରି ଦେଖିବାଟା ଠିକ୍ ନୁହେଁ। ସାଧନା ଏକ ଯୁଦ୍ଧ। ସେଥିପାଇଁ ତ କୁହାଯାଏ ସାଧନସମୟ। ଯେଉଁମାନେ ସାଧନା ପଥରେ ଆସନ୍ତି, ଅନ୍ତରାତ୍ମାର ଅନିବାର୍ଯ୍ୟ ଗତିରେ ଭିତରର ଏକ ଟାଣରେ ସେମାନେ ଆସନ୍ତି। ସାଧାରଣତଃ average ଲୋକ ଠାରୁ ସେମାନେ ସମସ୍ତେ exceptional। ଭଗବାନଙ୍କର ଡାକ ନ ପାଇଲେ କେହି ସାଧନା ପଥରେ ଆସନ୍ତି ନାହିଁ। ସେମାନେ ସମସ୍ତେ ଯୁଦ୍ଧ ସୈନିକ ଭଳି। କେହି ଆଗେଇ, କେହି ପଛେଇ, କିନ୍ତୁ ସେମାନେ ସମସ୍ତେ ଯୁଦ୍ଧ କରିବା ପାଇଁ ଯେ ଯାହାର ଯୋଗ୍ୟତା ଓ ଅଧିକାର ଅନୁସାରେ ଛିଡ଼ାହୋଇଛନ୍ତି। କେହି ଯଦି ଯୁଦ୍ଧରେ ଆହତ ହୁଅନ୍ତି, ପଡ଼ିଯାଆନ୍ତି, ବା ମରି ଯାଆନ୍ତି,

ସେଥିପାଇଁ କ'ଣ ସେମାନେ ବ୍ୟର୍ଥ ? ସେମାନେ ବିଫଳ ? ପଛରେ ଯେଉଁମାନେ ଆସୁଛନ୍ତି ସେହିସବୁ ସୈନିକମାନଙ୍କର ସେମାନେ ଅଗ୍ରସରର ପଥ କରିଦିଅନ୍ତି । ସେମାନଙ୍କର ଆତ୍ମତ୍ୟାଗ, ଯାହାର ଯେତିକି ସାଧନାର ଫଳ ତାହା ନେଇ ସମଗ୍ର ସାଧନାର ଧାରାକୁ ଆଗେଇ ନେଇ ଯାଆନ୍ତି । ପ୍ରତ୍ୟେକଙ୍କର ଅବଦାନ ଅଛି । କାହାର ବେଶୀ, କାହାର ହୁଏତ କମ । କାହାକୁ ବି ତାଚ୍ଛଲ୍ୟ କରିବା ବା ହେୟ ଚକ୍ଷୁରେ ଦେଖିବାଟା ଠିକ୍ ନୁହେଁ । ଲଙ୍କା ବିଜୟରେ ଗୋଟିଏ ସାମାନ୍ୟ ଗୁଣ୍ଡୁଚିମୁଷାର ଅବଦାନକୁ ତୁଚ୍ଛ ନ କରିବା ଭଳି । ଆମ୍ଭେମାନେ ଯିଏ ଯେତେଟା ପାରୁ ସେଇଥିରେ ସମଗ୍ର ଯୋଗର ପଥକୁ ପ୍ରଶସ୍ତ କରି ଧରୁ ।

ମୁଁ ଏହାବି ଭାବେ, ଗୋଟିଏ ଗୋଟିଏ ଯୁଗରେ ଜଣେ ଜଣେ ଯୋଗୀ ବା ସାଧକଙ୍କର ଗୋଟିଏ ପରେ ଗୋଟିଏ ବ୍ୟର୍ଥତା ବିଚ୍ୟୁତି ସେମାନଙ୍କ ପଛରେ ଯେଉଁମାନେ ଆସୁଛନ୍ତି ସେମାନଙ୍କ ସାଧନାକୁ ସହଜ କରିଦିଏ । ସିଦ୍ଧିଲାଭ କରି ତୋଳେ । ସେଥିପାଇଁ ଦେଖାଯାଏ, ସାଧନାର କୌଣସି ଏକ ଦିଗ ଅଗ୍ରନକ ହୁଏତ ଜୟ ହୋଇଗଲା । ଅଥଚ ଅନ୍ୟ କୌଣସି ସାମାନ୍ୟ ବାଧା ଜୟ କରିବାକୁ ଧଇଁସଇଁ ହେବାକୁ ପଡ଼ିଥାଏ । କିଏ କହିପାରିବ, ଯାହାକୁ ସହଜରେ ଜୟ କରିପାରିଲୁ ସେଥିପାଇଁ ମୋ ପୂର୍ବରୁ ଯେଉଁମାନେ ସାଧନା କରିଯାଇଛନ୍ତି, ବାରମ୍ବାର ଉଠିଛନ୍ତି ପଡିଛନ୍ତି, ସେମାନଙ୍କର ଅବଦାନ କେତେ ?

ଜଣେ କହିଲେ, ଦାଦା, ବେଦରେ ଯଜ୍ଞ ଋଷି ନାମରେ ଏକ ଋଷି ଥିଲେ । ସେ କହିଛନ୍ତି, ମୁଁ ମନଚକ୍ଷୁରେ ଦେଖିଲି, ପୂର୍ବସୂରୀମାନେ ଯେଉଁ ଯଜ୍ଞ ଯେଉଁ ସାଧନା କରିଯାଇଛନ୍ତି ସେମାନଙ୍କର ସେହିସବୁ ମହିମା । ବେଦର ସାଧନାକୁ ଋଷିମାନେ କହୁଥିଲେ, ସାଧନପନ୍ଥା - "ପୂର୍ବଷାଂ ପନ୍ଥା" - ସାଧନା ଗୋଟିଏ ବାଟ ଚାଲିବା । ସେଥିପାଇଁ ଋଷିମାନେ ସେମାନଙ୍କର କୌଣସି ସିଦ୍ଧି ପାଇଁ ଦାବି କରନ୍ତି ନାହିଁ ଯେ, ସେମାନେ ନିଜେହିଁ ଏହା କରିଛନ୍ତି । ସେମାନେ ଭାବୁଥିଲେ ପୂର୍ବପୁରୁଷମାନଙ୍କର ଅନାଦି ଅନନ୍ତକାଳରୁ ତପସ୍ୟାର ପରମ୍ପରା ଯେପରି ଛିନ୍ନ ନହୁଏ ଏହା ଦେଖିବାକୁ ହେବ - "ମା ଛେଦି ବୟତୋ ଧିୟମ୍" ।

ଦାଦା କହିଲେ, ମୋର ବି ସେଇଆ ମନେ ହେଉଛି । ଯେଉଁମାନେ ମା ଶ୍ରୀଅରବିନ୍ଦଙ୍କ ସାଧନା ଥରେ ଗ୍ରହଣ କରିଛନ୍ତି, ସେମାନେ କିଏ କେତେଟା ପାରିଲା ନ ପାରିଲା ସେଇଟା ବଡ଼ କଥା ନୁହେଁ । ସେମାନଙ୍କର ସମସ୍ତଙ୍କର ଅବଦାନ ଆମ୍ଭମାନଙ୍କୁ ସଫଳ ହେବାପାଇଁ ସାହାଯ୍ୟ କରୁଛି । ସେଥିପାଇଁ ସମସ୍ତଙ୍କୁ ଆମ୍ଭେମାନେ ପ୍ରଣାମ କରୁଛୁ ।

ଦାଦା କହିଲେ, ଗୀତାରେ ପଢ଼ିଛି, ଶ୍ରୀକୃଷ୍ଣଙ୍କର ମୁହଁରେ ଯୋଗର କଠିନ କଠିନ କଥା ସବୁ ଶୁଣି ଛାନିଆ ହୋଇ ଅର୍ଜୁନ ପ୍ରଶ୍ନ କରିଛନ୍ତି, ଯେ ପ୍ରଥମରେ ଶ୍ରଦ୍ଧା ନେଇ ଯୋଗରେ ପ୍ରବୃତ୍ତ ହେଲା, କିନ୍ତୁ ପରେ ଯତ୍ନର ଅଭାବରୁ ପଥରୁ ବିଚ୍ୟୁତ ହୋଇ ପଡ଼ିଲେ, ସେ ସିଦ୍ଧିଲାଭ କରିପାରିଲେ ନାହିଁ । ଯାହାଙ୍କର ଇହଜୀବନରେ କିଛି ହେଲା ନାହିଁ, ଅଧ୍ୟାତ୍ମ ଜୀବନରେ ବି କିଛି ହେଲା ନାହିଁ, ତାହାର କ'ଣ ଗତି ହେବ ? ଦୁଇ ଦିଗରୁ ଭ୍ରଷ୍ଟ ହୋଇ ସିଏ କ'ଣ ଛିନ୍ନ ମେଘପରି ହାଓଆରେ ଭାସି ଯିବ ?

ଶ୍ରୀକୃଷ୍ଣ ତାର ଉତ୍ତରରେ କହିଥିଲେ, ଯୋଗଭ୍ରଷ୍ଟ ଯିଏ ତାର ଇହଲୋକ ଓ

ପରଲୋକ କେଉଁଠି ବି ବିନାଶ ନାହିଁ। କଲ୍ୟାଣକାରୀ ସେହି ବ୍ୟକ୍ତିର କେଉଁଠି ବି ଦୁର୍ଗତି ହୁଏ ନାହିଁ।

ଏହି ଆଶ୍ରମରେହିଁ ଦେଖ, ଯେଉଁ ସବୁ ପିଲାମାନେ ପଢ଼ାପଢ଼ି କରି ବାହାରକୁ ଚାଲି ଯାଆନ୍ତି, ସେମାନେ କିନ୍ତୁ କେହି ଖରାପ ନାହାଁନ୍ତି। ଅନ୍ତତଃ ଭଲ ଅବସ୍ଥାରେ ଭଲ କାମରେ ଭଲ ପଜିଶନ୍‌ରେ ସମସ୍ତେ ଅଛନ୍ତି। ସେମାନଙ୍କର ସଫଳତା, ଅଗ୍ରଗତି ଦେଖି ବାହାରର ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ଜଣଙ୍କର ବି ଅବସ୍ଥା ଖରାପ ନୁହେଁ। ମୁଁ କହିବି, ଏହା ହେଲା ସେହି ସାଧନ ପରମ୍ପରା ଯୋଗଧାରାର ଫଳ। ସେଥିପାଇଁ ଆମ୍ଭମାନଙ୍କର ଏଇ ଯୋଗକୁ କୁହାଯାଏ collective yoga। ଏଥିପାଇଁ ଆମ୍ଭମାନଙ୍କ ପୂର୍ବରୁ ଯେଉଁମାନେ ଆସିଥିଲେ, ବର୍ତ୍ତମାନ ଯେଉଁମାନେ ଅଛନ୍ତି ଓ ଭବିଷ୍ୟତରେ ଯେଉଁମାନେ ଆସିବେ ସେମାନଙ୍କର ସମସ୍ତଙ୍କର ସଫଳତା ବିଫଳତା, ଚ୍ୟୁତି ବିଚ୍ୟୁତି ସବୁ କିଛି ଏକାଠି ଆମ୍ଭମାନଙ୍କ ପାଇଁ ପଥ କରିଦେଇଛନ୍ତି ଓ କରିଦେବେ। ଆମ୍ଭମାନଙ୍କର ଭବିଷ୍ୟତ ବିଜୟ ଲାଭ ନିମନ୍ତେ ସେ ସମସ୍ତଙ୍କ ନିକଟରେ ଆମ୍ଭମାନଙ୍କର କୃତଜ୍ଞତା ରହିବା ଉଚିତ। ସେମାନଙ୍କୁ ମୁଁ ପ୍ରଣାମ କରେ।

*ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ*

*ଅନୁବାଦ : ନୀତା*

●

## ମାତୃଭବନ ପତ୍ର ସମ୍ପର୍କରେ

**ନୂତନ ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା**

**ଆଜୀବନ (୨୦ ବର୍ଷ ବା ଊର୍ଦ୍ଧ୍ୱ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ଆସନ୍ତା ଅଗଷ୍ଟ ମାସ ସୁଦ୍ଧା ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା (ଗତ ଏପ୍ରିଲ ସମ୍ମିଳନୀରେ ହୋଇଥିବା ସିଦ୍ଧାନ୍ତ ଅନୁଯାୟୀ ଏପ୍ରିଲ ମାସଠାରୁ ଲାଗୁହେଲା) ମାତ୍ର ଜୁଲାଇ ମାସ ସୁଦ୍ଧା** ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ: ୯୩୩୮୦୯୧୬୮୬ରେ** ଜଣାଇବାକୁ ଅନୁରୋଧ।

**ପରିଚାଳକ**

# ବୌଦ୍ଧ ମାର୍ଗ – ଏକ ଆଭାସ ପରିଚୟ

ଏହି ତ୍ରିପିଟକ ଏକ ବିଶାଳକାୟ ଗ୍ରନ୍ଥ, ଏହା ତିନିଭାଗରେ ବିଭକ୍ତ- ବିନୟପିଟକ, ସୁତ୍ତପିଟକ ଓ ଅଭିଧମ୍ମପିଟକ। ବିନୟପିଟକରେ ମୁଖ୍ୟତଃ ସଂଘର ନିୟମ, ଶୃଙ୍ଖଳା ଓ ଭିକ୍ଷୁମାନଙ୍କର ଯଥାର୍ଥ ଆଚାର ସମ୍ପର୍କରେ ବୁଦ୍ଧଙ୍କ ଉପଦେଶ ଓ ବୁଦ୍ଧଙ୍କ ଜୀବନର ଓ ପୂର୍ବଜୀବନର ନାନା କାହାଣୀ (ଜାତକ ଆଦି ପୁସ୍ତକ) ଅନ୍ତର୍ଭୁକ୍ତ। ଅଭିଧମ୍ମପିଟକରେ ବୁଦ୍ଧଙ୍କ ଶିକ୍ଷାର ତାତ୍ତ୍ୱିକ ଓ ଦାର୍ଶନିକ ଦିଗ, ଜୀବନ, ସଂସାରବସ୍ତୁ, ମନ ପ୍ରଭୃତି ସ୍ୱରୂପ, ଗୁଣଧର୍ମ ଆଦିର ବିଚାର-ବିଶ୍ଳେଷଣ ଦିଆଯାଇଛି। ସୁତ୍ତପିଟକରେ ସହଜ ସୂତ୍ର ଆକାରରେ (ଧମ୍ମପଦ ଆଦି ପୁସ୍ତକ) ତାଙ୍କ ଶିକ୍ଷାର ମର୍ମ ଉପସ୍ଥାପିତ କରାଯାଇଛି।

ବୁଦ୍ଧ ଯାହା ଶିକ୍ଷା ଦେଇଥିଲେ, ତାହା ତାଙ୍କ ଅନନ୍ତ ଜ୍ଞାନର କଣିକାଏ ମାତ୍ର। ଥରେ ଶିଷ୍ୟମାନଙ୍କ ସହ ଏକ ଅରଣ୍ୟଭିତରେ ଯାଉଥିବା ବେଳେ ବୁଦ୍ଧ ଝଡ଼ି ପଡ଼ିଥିବା କିଛି ପତ୍ର ଗୋଟାଇ ହାତରେ ଧରି କହିଥିଲେ, ମୁଁ ଯେତିକି ଶିକ୍ଷା ଦେଇଛି ତାହା ଏଇତକ ପତ୍ର ସଙ୍ଗେ ସମାନ ଓ ମୁଁ ଯାହା ଜାଣେ କିନ୍ତୁ ଯେଉଁ ବିଷୟରେ ଶିକ୍ଷା ଦେଇନାହିଁ ତାହା ଏଇ ଅରଣ୍ୟରେ ଥିବା ସବୁତକ ପତ୍ରକୁ ଏକାଠି କଲେ ଯେତିକି ହେବ ତାହା ସଙ୍ଗେ ସମାନ।

ବୌଦ୍ଧ ଧର୍ମ ଚାରିଟି ମହାନ୍ ସତ୍ୟକୁ ନିଜର ଭିତ୍ତିରୂପେ ଗ୍ରହଣ କରିଛି। ତା ହେଲା: ୧. ଦୁଃଖ ରହିଛି, ୨. ଦୁଃଖର କାରଣ ରହିଛି, ୩. ଦୁଃଖର ବିନାଶ ରହିଛି ଏବଂ ୪. ଦୁଃଖ ବିନାଶର ପନ୍ଥା ବା ଉପାୟ ରହିଛି।

ଅଜ୍ଞାନମୟ ସାଧାରଣ ଜୀବନ ଦୁଃଖପୂର୍ଣ୍ଣ। ଜନ୍ମ ଅର୍ଥ ଦୁଃଖ, ବାର୍ଦ୍ଧକ୍ୟ ଅର୍ଥ ଦୁଃଖ, ରୋଗ ଅର୍ଥ ଦୁଃଖ, ମୃତ୍ୟୁ ଅର୍ଥ ଦୁଃଖ। ଦୁଃଖପ୍ରଦ ବସ୍ତୁ ସହ ମିଳିତ ହେବା ଦୁଃଖ, ଆନନ୍ଦପ୍ରଦ ବସ୍ତୁଠାରୁ ବିଚ୍ଛିନ୍ନ ହେବା ଦୁଃଖ, ଈପ୍ସିତ ବସ୍ତୁ ନମିଳିବା ଅର୍ଥ ଦୁଃଖ।

ଏହି ଦୁଃଖର କାରଣ ହେଉଛି ତୃଷ୍ଣା ବା କାମନା। ଇନ୍ଦ୍ରିୟସୁଖ, ସମ୍ପଦ, ଭୋଗ, ଯଶ ଆଦି ନାନା ତୃପ୍ତିହୀନ କାମନାହିଁ ମନୁଷ୍ୟକୁ ଜନ୍ମ ପରେ ଜନ୍ମ ଧରି ଦୁଃଖମୟ ଜୀବନଚକ୍ରରେ ଘୂରାଇ ଚାଲିଛି।

ତୃଷ୍ଣା ବା କାମନାର ସମ୍ପୂର୍ଣ୍ଣ ବିନାଶ ଦ୍ୱାରା, କାମନାର ପାଶ ଛିନ୍ନ କରି ତାହାର କବଳରୁ ସମ୍ପୂର୍ଣ୍ଣ ମୁକ୍ତିଦ୍ୱାରାହିଁ ନିର୍ବାଣଲାଭ ଫଳରେ ସମଗ୍ର ଓ ଚୂଡ଼ାନ୍ତ ଭାବରେ ଦୁଃଖର ବିନାଶ ସମ୍ଭବପର।

ଏଥିପାଇଁ ପ୍ରକୃଷ୍ଟ ପଥ ଓ ଉପାୟ ହେଉଛି ଅଷ୍ଟାଙ୍ଗ ମାର୍ଗ ସମନ୍ୱିତ ମଧ୍ୟମ ପନ୍ଥା। ଏ ବିଷୟରେ ପରେ ଆଲୋଚନା କରିବା।

ବୌଦ୍ଧଧର୍ମର ଏହି ସତ୍ୟଗୁଡ଼ିକ ସମ୍ପର୍କରେ କେତେକ ବିଷୟ ମନେ ରଖିବାକୁ ହେବ। ଏଥିରେ ଯଦିଓ ସଂସାର ଓ ଜୀବନର ଦୁଃଖକୁ ମୂଳ ସତ୍ୟରୂପେ ଧରି ସେଇଥିରୁ ବିଚାର ଆରମ୍ଭ କରାଯାଇଛି କିନ୍ତୁ ଏହାକୁ ଏକ ଦୁଃଖବାଦୀ ବା ନୈରାଶ୍ୟବାଦୀ ଦର୍ଶନ ବୋଲି କୁହାଯାଇ ନପାରେ। ବରଂ ପକ୍ଷାନ୍ତରରେ ଏଥିରୁ ଆମେ ପାଉ ଦୁଃଖର ମୂଳ କାରଣକୁ ଯାଇ ତାର ସମ୍ପୂର୍ଣ୍ଣ ଓ ସ୍ଥାୟୀ ନିରାକରଣ ଓ ବିଲୋପର ନିର୍ଭର ପ୍ରତିଶ୍ରୁତି ଓ ଉପାୟ। ବାସନାକାମନାର ପୂରଣ ଫଳରେ ମିଳୁଥିବା କ୍ଷଣସ୍ଥାୟୀ ଇନ୍ଦ୍ରିୟଗତ ସୁଖ ପ୍ରକୃତରେ ଦୁଃଖର

ବିନାଶ କରେ ନାହିଁ, ବରଂ ନୂଆ ନୂଆ କାମନାର ଅଗ୍ନି ଜଳାଇ ଅଧିକ ଦୁଃଖ ସୃଷ୍ଟି କରେ। ତେଣୁ ଧନସମ୍ପଦ ବା ଯଶଖ୍ୟାତି ଆଦି ବାହାର ଜିନିଷ ଭିତରେ ସୁଖର ସନ୍ଧାନ ନକରି ମଣିଷର ନିଜ ଭିତରେ ରହିଥିବା ସୁଖ, ଶାନ୍ତି, ଜ୍ଞାନ ଓ ଆନନ୍ଦର ଶାଶ୍ୱତ ଭଣ୍ଡାର ଓ ତାର ଗୋପନ ଚାବିକାଠି ବିଷୟହିଁ ଏଥିରେ କୁହାଯାଇଛି।

ବୌଦ୍ଧ ଧର୍ମର ଅନ୍ୟ ପ୍ରଧାନ ବିଚାର ହେଲା କର୍ମଫଳ ଓ ପୁନର୍ଜନ୍ମ। ସଂସାରରେ ଜ୍ଞାନଅଜ୍ଞାନ, ସୌଭାଗ୍ୟ ଦୁର୍ଭାଗ୍ୟ, ଉନ୍ନତି ଅବନତି ଓ ଦୁଃଖ ସୁଖ ଆଦିର ଯେଉଁସବୁ ତାରତମ୍ୟ ଓ ବିଭିନ୍ନତା ଆମେ ଦେଖୁ ତାହା ଏପରି ହୋଇଛି କାହିଁକି ? ବୌଦ୍ଧ ମତ ଅନୁସାରେ କର୍ମଫଳ ହିଁ ଏହାର କାରଣ। ଅତୀତ ଓ ବର୍ତ୍ତମାନର ଶୁଭ ଓ ଅଶୁଭ କର୍ମ ଶୁଭ ଓ ଅଶୁଭ ଫଳ ପ୍ରଦାନ କରେ। ନିୟତି, ଭାଗ୍ୟ ବା ପାପପୁଣ୍ୟଜନିତ ଦଣ୍ଡ ପୁରସ୍କାର ଦେଉଥିବା କୌଣସି ବିଧାତା ପୁରୁଷକୁ ଅସ୍ୱୀକାର କରିବା ସଙ୍ଗେସଙ୍ଗେ ଏହା କର୍ମଫଳର ବିଧାନକୁ ସ୍ୱୀକାର କରେ। ମଞ୍ଜି ଯେପରି ବୃକ୍ଷ ଓ ଫଳ ଉତ୍ପନ୍ନ କରେ ଓ ତାହା ପୁଣି ଯେପରି ମଞ୍ଜି ଉତ୍ପନ୍ନ କରେ ସେହିପରି ପ୍ରତ୍ୟେକ କର୍ମରେ ତାହାର ଅନ୍ତର୍ନିହିତ ଫଳ ରହିଛି। ଆନନ୍ଦ ଓ ଦୁଃଖର ଅନୁଭୂତି ମଧ ମଣିଷ ଅନୁଭବ କରେ ନିଜ ଆଚରିତ କର୍ମ ଅନୁସାରେ। ତେଣୁ ଦୁଃଖ, ଶୋକ ବା ଅମଙ୍ଗଳରୁ ଉଦ୍ଧାର ପାଇବା ପାଇଁ ବୌଦ୍ଧଧର୍ମର ସାଧକ କୌଣସି ସର୍ବନିୟନ୍ତା ଈଶ୍ୱର ବା ଦେବତାଦିଙ୍କୁ ପ୍ରାର୍ଥନା କରେ ନାହିଁ; ସେ ଦୃଢ଼ ଆତ୍ମବିଶ୍ୱାସ ସହ ନିଜର କର୍ମ ବା ଆଚରଣ ଦ୍ୱାର ଭୁଲ୍ କର୍ମରୁ ବିରତ ହୋଇ, ତାହାକୁ ସଂଶୋଧିତ ଓ ମାର୍ଜିତ କରି ଉଚିତ ଓ ଶୁଭ କର୍ମର ନୂତନ ଆଚରଣ ଦ୍ୱାରା ସେହି କର୍ମର କଲ୍ୟାଣପ୍ରଦ ଶୁଭଫଳ ଉତ୍ପନ୍ନ କରେ ଓ ତହିଁରୁ ପ୍ରକୃତ ଆନନ୍ଦ ପାଏ। ଏହି କର୍ମଫଳ ବିଧାନର ଯଥାର୍ତ ବିଚାରହିଁ ତା ଭିତରେ ନୂତନ ଆଶା ଓ ସତ୍ କର୍ମ ପାଇଁ ଉତ୍ସାହ, ପ୍ରେରଣା ଓ ଅସତ୍ କର୍ମ ପାଇଁ କୁଣ୍ଠା ଓ ଅନିଚ୍ଛା ସୃଷ୍ଟି କରେ।

କର୍ମଫଳ ଓ କାର୍ଯ୍ୟକାରଣର ଏହି ବିଚାରରୁହିଁ ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମର ସତ୍ୟକୁ ବୌଦ୍ଧ ଧର୍ମ ଗ୍ରହଣ କରେ। ଜୀବସତ୍ତା ହେଉଛି ଅଦୃଶ୍ୟ କର୍ମଶକ୍ତିରହିଁ ପ୍ରକାଶ। ମୃତ୍ୟୁ କେବଳ ଏହି ଅସ୍ଥାୟୀ ଜୀବନର ଏକ ସ୍ଥାୟୀ ବିଲୋପ। ଜନ୍ମ ପରେ ମୃତ୍ୟୁ ଓ ତାପରେ ପୁଣି ଜନ୍ମ, ଏହି ସଂସାର-ଚକ୍ର ନିୟତ ଏହିପରି ଚାଲିଛି। ଏହା ସର୍ବପ୍ରଥମେ କିପରି ଆରମ୍ଭ ହେଲା ବୌଦ୍ଧ ଧର୍ମ ସେ ସମ୍ପର୍କରେ ନୀରବ ବା କୁହେ ତାହା ଜାଣି ହେବ ନାହିଁ। ବୌଦ୍ଧ ଧର୍ମ ଅନୁସାରେ ପିତାମାତା କେବଳ ଏକ ଶରୀର ଗଠନ କରନ୍ତି କିନ୍ତୁ ଆମର ଜନ୍ମ କର୍ମଯୋନିରୁ। ଅତୀତ ଜନ୍ମର କର୍ମଫଳହିଁ ଏ ଜନ୍ମର ପ୍ରାରମ୍ଭିକ ଚେତନା ତିଆରି କରେ। ତାହା ପୁଣି ନୂତନ କର୍ମ ଓ ସେହି କର୍ମ ପୁଣି ନୂତନ ଫଳ ସୃଷ୍ଟିକରେ। ଅବିଦ୍ୟା ଓ ତୃଷ୍ଣା ଦ୍ୱାରା ପରିପୁଷ୍ଟ ଜୀବନ, ମୃତ୍ୟୁ ଓ ପୁନର୍ଜନ୍ମର ଏହି ଚକ୍ର କୌଣସି ଜୀବସତ୍ତା ପାଇଁ ଏହିପରି ଅନନ୍ତକାଳଯାଏ ଚାଲିଥିବ, ଯେ ପର୍ଯ୍ୟନ୍ତ ଜଣେ ସଚେତ ହୋଇ ସେହି ଅଜ୍ଞାନ ଓ ତୃଷ୍ଣା ବା କାମନାର ପାଶକୁ ଛିନ୍ନ କରି ନିର୍ବାଣ ଦ୍ୱାରା ଏହି ଦୁଃଖମୟ ଚକ୍ରର ସମାପ୍ତି ନ ଘଟାଇଛି।

କ୍ରମଶଃ

***ବିଶ୍ୱମ୍ଭର ସାମନ୍ତ***

## ଏବେବି ମନେପଡ଼େ.....

# ଆମ କ୍ଷେତର ଫସଲ

ସେଦିନ କଇନିପୁରାରେ ପହଞ୍ଚିଲି ସନ୍ଧ୍ୟା ୫.୩୦ରେ। ପଡ଼ିଆରେ Pioneer Studentମାନେ ଖେଳାଖେଳି କରୁଥାନ୍ତି। ମୁଁ ସିଧା ସମାଧି ମନ୍ଦିର ଚାଲିଗଲି। ଅପୂର୍ବ ପରିବେଶ। ସ୍ୱତଃ ଧ୍ୟାନସ୍ଥ ହୋଇଯିବାଭଳି ଲାଗୁଥାଏ। ସମାଧି ଦର୍ଶନ କରି ଧୂପ ଦେବାପରେ, ସମାଧି ଚତୁଃପାର୍ଶ୍ୱରେ ସମବେତ ଧ୍ୟାନ ଅନୁଷ୍ଠିତ ହେଲା। ଖେଳୁଥିବା ପ୍ରତ୍ୟେକଟି ଛାତ୍ରଛାତ୍ରୀ ତଥା ସେମାନଙ୍କ ସହିତ ଆସିଥିବା ଅପାଭାଇ ଧ୍ୟାନରେ ଯୋଗଦେଲେ। ପରିବେଶ ସ୍ୱତଃ ବଦଳିଗଲା। ଯେତିକି ନିବିଡ଼ ଥିଲା ଆହୁରି ନିବିଡ଼ ହୋଇଗଲା। ସମବେତ ଧ୍ୟାନ ପରେ ବିଭିନ୍ନ ସ୍କୁଲରୁ ଆସିଥିବା ପିଲାମାନଙ୍କ ସହିତ ଆଳାପ ହେଲା। ଆମଠାରୁ ଅନେକ ସାନ ହେଲେ ମଧ୍ୟ ସେମାନେ ସବୁ ବଡ଼ ହୋଇଗଲେଣି। ବାପା, ମା ମଧ୍ୟ କେତେଜଣ ହୋଇଗଲାଣି। ତଥାପି ସମ୍ଭ୍ରମତାରେ ତିଳେ ମଧ୍ୟ ଊଣା ନାହିଁ।

ତିନି ଦିନପାଇଁ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ Pioneer Students' Study Circle Meetରେ ଯୋଗ ଦେବାପାଇଁ ଆସିଥାନ୍ତି। ପ୍ରତ୍ୟେକ ବର୍ଷ ଜୁନ୍ ୧-୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏଇ ସମ୍ମିଳନୀରେ ମୁଁ ଯୋଗଦିଏ। ଅନେକ ଆନନ୍ଦର କଥା ପ୍ରତ୍ୟେକ ବର୍ଷର କାର୍ଯ୍ୟକ୍ରମ ପୂର୍ବବର୍ଷଠାରୁ ଅଧିକ ସଙ୍ଗଠିତ, ଅଧିକ ଅର୍ଥପୂର୍ଣ୍ଣ, ଅଧିକ ଶୃଙ୍ଖଳିତ ଭାବରେ ହୋଇଚାଲିଛି। ବିଶେଷ କରି ସେମାନଙ୍କ ପଛରେ ସାହାଯ୍ୟ କରିବାକୁ କେହି ନଥିଲେ ମଧ୍ୟ କାର୍ଯ୍ୟକ୍ରମଗୁଡ଼ିକ ଖୁବ୍ ସୁନ୍ଦର ଧାରାରେ ଅନୁଷ୍ଠିତ ହୋଇଚାଲିଛି।

ସେଦିନ ସନ୍ଧ୍ୟାରେ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ ଉତ୍ସବ କାର୍ଯ୍ୟକ୍ରମ ରଖାଯାଇଥାଏ। IMFA ର Executeve Manager ଶ୍ରୀ ମନୋଜ କୁମାର ମହାପାତ୍ର ମୁଖ୍ୟ ଅତିଥି, ପ୍ରଭାତ ବକ୍ତା ଏବଂ ସଭାରେ ମୁଁ ମଧ୍ୟ ଉପସ୍ଥିତ ଥାଏ। ସେତେବେଳେ ଭୀଷଣ ଗରମ ଓ ଗୁଳୁଗୁଳି। ସମସ୍ତେ ଝାଳରେ ଗାଧୋଇ ପଡୁଥାଆନ୍ତି। ମଞ୍ଚରେ ଶାନ୍ତିଭାଇ ଦୁଇପାଖେ ଦୁଇଟି ବଡ଼ ଫ୍ୟାନ୍ ଥୋଇ ସାରିଥାନ୍ତି। ତଥାପି ଅନ୍ତହୀନ ଗରମ। ଆଲୋଚନାର ବିଷୟ ଥିଲା Love is the Supreme Victor, ପ୍ରଭାତ ବକ୍ତା। ମୁଖ୍ୟ ଅତିଥି ଏବଂ ବକ୍ତାଙ୍କ ମଧ୍ୟରେ ମୋର ବକ୍ତବ୍ୟ ଥିଲା Pioneerମାନଙ୍କୁ ସଚେତ କରାଇବା। ସେମାନଙ୍କୁ ସଚେତ କରାଇବା ଏବଂ ସତର୍କ କରାଇବା ଯେ ସେମାନଙ୍କର ଦାୟିତ୍ୱ କେତେ ଗୁରୁତ୍ୱପୂର୍ଣ୍ଣ। କେବଳ ବର୍ଷରେ ଗୋଟିଏ ସଭା କରିଦେବା ପରେ ପୁଣି ପରବର୍ଷକୁ ଏଇ ସଭାରେ ଯୋଗଦେବାପାଇଁ ଅପେକ୍ଷା କରିବାରେ ବିଶେଷ କିଛି ଗୁରୁତ୍ୱ ନାହିଁ। ବର୍ଷବ୍ୟାପୀ କ'ଣ କ'ଣ ସେମାନଙ୍କର କରିବା ଉଚିତ ଏବଂ ସେଥିପ୍ରତି ସେମାନେ କେତେଦୂର ଚେଷ୍ଟା କରୁଛନ୍ତି, ଯଦି କରିନାହାଁନ୍ତି କିପରି ବସିନଯାଇ ଆୟୋଜନ ଆରମ୍ଭ କରିବେ- ଏଇ ବିଷୟରେ ମୁଁ କିଛି ସମୟ କହିଲି। ସେଦିନର ସଭା କାର୍ଯ୍ୟ ଶେଷକରି ମୁଁ କଟକ ଫେରିଲି। ପରଦିନ ସନ୍ଧ୍ୟାରେ ନିରାକାରର ପ୍ରଶ୍ନୋତ୍ତର ଥିଲା। ସେଦିନ ମଧ୍ୟ କଟକରୁ ନିରାକାରକୁ ସାଙ୍ଗରେ ନେଇ ପହଞ୍ଚିଲି। ପୂର୍ବଦିନ ସାନ୍ଧ୍ୟ ଅଧିବେଶନରେ ପରିବେଶ ଖୁବ୍ ଶାନ୍ତ ଥିଲେ ମଧ୍ୟ ଗରମ ପ୍ରବଳ ଥିଲା। ତେଣୁ ସେଦିନର ଅଧିବେଶନଟିକୁ ସମାଧି ପାଖରେ ଥିବା ଖୋଲା ପଡ଼ିଆରେ କଲୁ। ସାମାନ୍ୟ ସମୟରେ ସାମାନ୍ୟ ଆୟୋଜନରେ ସଭାଟି ଅନୁଷ୍ଠିତ ହେଲା। କି

ଅପୂର୍ବ ପରିବେଶ ! ନିରାକାରର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ଦିବ୍ୟ ପ୍ରେମ ଓ ମାନୁଷୀ ପ୍ରେମକୁ ନେଇ ପିଲାମାନେ ଦେଇଥିବା ଅତି ସୁନ୍ଦର ସୁନ୍ଦର ପ୍ରଶ୍ନଗୁଡ଼ିକର ଚମତ୍କାର ଉତ୍ତର ଆଲୋଚନା ମାଧ୍ୟମରେ ପ୍ରକାଶ କଲା ନିରାକାର। ଆସକ୍ତି ଏବଂ ପ୍ରେମ, ମାନୁଷୀ ପ୍ରେମ ଏବଂ ଦିବ୍ୟ ପ୍ରେମ। ମାନୁଷୀପ୍ରେମ ଅଧିକାର ସାବ୍ୟସ୍ତ କରେ। ଦିବ୍ୟପ୍ରେମ ନିଜକୁ ଦେଇଦିଏ। ପରିବେଶ ପୁରା ମାର୍ମିକ ଏବଂ ଆଲୋଚନା ଅନ୍ତରଙ୍ଗ। ସମସ୍ତେ ସ୍ଥିର ହୋଇ ଶୁଣୁଥାନ୍ତି। ଅତ୍ୟନ୍ତ ଶାନ୍ତ, ଗମ୍ଭୀର ଏବଂ ସ୍ଥିର ପରିବେଶ। ନିରାକାର ପ୍ରାୟ ଗୋଟିଏ ଘଣ୍ଟାରେ ଦଶଟି ପ୍ରଶ୍ନର ଉତ୍ତର ଦେଲା। ପାୟୋନିଅର ମାନଙ୍କର ପ୍ରଶ୍ନଗୁଡ଼ିକ ଅତି ସ୍ୱାଭାବିକ ଏବଂ ମା' ଶ୍ରୀଅରବିନ୍ଦଙ୍କ ରଚନାରୁ ସଂଗୃହୀତ ନିରାକାରର ଆଲୋଚନା ମଧ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା। ସେଦିନ ମଧ୍ୟ ସଭା ଶେଷରେ କଟକ ଫେରିଆସିଲି।

ପୁଣି ତୃତୀୟ ଦିନ ଗଲି। ସେଦିନ ଶେଷ ଅଧିବେଶନ। ଅପୂର୍ବ ଆକର୍ଷଣ। କାହିଁକି ମୁଁ ସବୁଦିନ ଏତେବାଟ ଯାଉଛି ଏବଂ ଆସୁଛି। ଶେଷଦିନ ସାନ୍ଧ୍ୟ ଅଧିବେଶନରେ ସେଇ କଥାହିଁ ପ୍ରକାଶ କଲି। ପିଲାମାନଙ୍କ ସଭାରେ ସଞ୍ଜୟ ଥିଲା ବକ୍ତା- ବିଷୟଥିଲା ଦିବ୍ୟ ପ୍ରେମ ଏବଂ ମାନୁଷୀ ପ୍ରେମ। ଯାଇଥିବା ଉତ୍ତାରୁ ମୁଁ ମଧ୍ୟ ମଞ୍ଚରେ ବସିଥାଏ। ମୋର କୌଣସି ନିର୍ଦ୍ଦିଷ୍ଟ ଭୂମିକା ନଥାଏ। ମଝିରେ ଅଳ୍ପ ସମୟ ପାଇଁ ପିଲାଙ୍କୁ କହିବାକୁ ସୁଯୋଗ ପାଇଲି। ମୋର ବକ୍ତବ୍ୟ ହେଲା, "ତୁମେମାନେ ଆମ କ୍ଷେତର ଫସଲ। ନିଜେ ଅନୁଭବ କରିପାରିବନି ଆମର ଅନୁଭବ। ନିଜ କ୍ଷେତରେ ଫସଲ ଦେଖିଲେ ଚାଷୀ ଯେପରି ଅନୁଭବ କରେ ଆମର ତା'ଠାରୁ ଅନେକ ଗୁଣ ଅଧିକ ଅନୁଭବ। ସେ କଥା ତୁମେ ବୁଝି ପାରିବନି ଏବଂ ସେଥିପାଇଁ ଏତିକି ବାଟ ପ୍ରତ୍ୟେକ ଦିନ ମୁଁ ତୁମ ମେଳକୁ ଆକର୍ଷିତ ହୋଇ ଆସୁଛି। ବାସ୍ତବିକ ଛୋଟ ବଡ଼ ଗୁଡ଼ିଏ ବୃକ୍ଷ। ସବୁଗୁଡ଼ିକ ଫଳ ଫୁଲରେ ପରିପୂର୍ଣ୍ଣ।। ଭିତରେ ଯେଉଁ ଆନନ୍ଦୋଚ୍ଛ୍ୱାସ- ଏ କଥାର ଏକ ବାସ୍ତବ ଅନୁଭବ ମୋ ମଧ୍ୟରେ ସ୍ୱତଃ ଆସିଯାଉଛି ଏବଂ ତା' ସହିତ ଏ କଥା ମଧ୍ୟ କହୁଛି- ଯେ ତୁମେ କେବେହେଲେ ଦାୟିତ୍ୱମୁକ୍ତ ନୁହଁ। ତୁମ୍ଭମାନଙ୍କ ପାଇଁ ସଂସାରରେ ଯେଉଁ ଗୁରୁ ଦାୟିତ୍ୱ ଅଛି ସେଥିପାଇଁ ପ୍ରସ୍ତୁତ ହୁଅ, ନିଜକୁ ପ୍ରସ୍ତୁତ ରଖ। ଏ ଯେଉଁ ନୂତନ ଭବିଷ୍ୟତ- ଯାହାର ପ୍ରଭାବ ଏକଦମ ପରିସ୍ଫୁଟ ସେଥିରେ ତୁମ୍ଭମାନଙ୍କର ଭୂମିକା ଅତ୍ୟନ୍ତ ସ୍ପଷ୍ଟ। ତୁମକୁ ସେ ଦାୟିତ୍ୱ ନେବାକୁ ହେବ।" ଚଳିତ ବର୍ଷ ସେମାନଙ୍କର ବିଷୟ ଥିଲା ଦିବ୍ୟପ୍ରେମ। ସ୍ମରଣିକାର ବିଷୟ, ପ୍ରଦର୍ଶନୀର ବିଷୟ ଏବଂ ଆଲୋଚନାର ବିଷୟ ସବୁଥିଲା ଦିବ୍ୟପ୍ରେମ। ମାତ୍ର ଗୋଷ୍ଠୀ ଆଲୋଚନା ଥିଲା ଶ୍ରୀଅରବିନ୍ଦଙ୍କର ପାଞ୍ଚୋଟି ସ୍ୱପ୍ନ। ଶେଷଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକଟି ଗ୍ରୁପ ଖୁବ୍ ସୁନ୍ଦରଭାବରେ ପାଞ୍ଚୋଟି ସ୍ୱପ୍ନକୁ ପରିବେଷଣ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ବାସ୍ତବିକ ଅତି ହୃଦୟସ୍ପର୍ଶୀ ହୋଇଥିଲା।

ଏ କଥା କହୁଥିବା ସମୟରେ ପାୟୋନିଅର ମାନଙ୍କ ମୁହଁଟିମାନ ମତେ ବେଶ୍ ଉଜ୍ଜ୍ୱଳ ଦିଶୁଥିଲା। ସେମାନେ ଯେ ମୋ କଥାକୁ ଏକ ଭାବପ୍ରବଣତା ବୋଲି ଭାବୁ ନଥିଲେ ଏ କଥାର ମଧ୍ୟ ଅନୁଭବ ହେଉଥିଲା।

ମଞ୍ଚରୁ ଓହ୍ଲାଇଲା ବେଳେ ତିନିଦିନର ଏତେ ଘନିଷ୍ଠତମ ଆୟୋଜନ ପାଇଁ କଇନିପୁରାର ଲକ୍ଷ୍ମୀ, ଗୀତୁ, ନିନି, ଲିଲି ପ୍ରଭୃତି ସମସ୍ତ ଅପା, ହରେକୃଷ୍ଣ, ବାବୁଲି ପ୍ରଭୃତି ସବୁ ଭାଇ ତଥା ଶାନ୍ତି ଭାଇ, ଗୁନ, ମାୟାଧର, ପହଲିଭାଇ ପ୍ରଭୃତି ଭାଇମାନଙ୍କର ଆନ୍ତରିକ ତଥା ହୃଦୟସ୍ପର୍ଶୀ ଆୟୋଜନ ନିମନ୍ତେ ଗଭୀର କୃତଜ୍ଞତା ଜଣାଇ ଫେରିଲି।

**ପ୍ରସାଦ ତ୍ରିପାଠୀ**

# ସ୍ମୃତି ସମାଚାର
## ମାତୃକୃପା ଅହେତୁକୀ

ମା'ଙ୍କର କୃପା ତ ସମସ୍ତଙ୍କ ପାଇଁ ସଦାବେଳେ ଭରପୁର ହୋଇ ରହିଥାଏ। କିନ୍ତୁ ବେଳେବେଳେ ଗୋଟେ ଗୋଟେ ସମୟରେ ଏହା ଏପରି କାମ କରିଥାଏ ଯେ -ତାକୁ ବୁଝିହୁଏ ନା, ବୁଝାଇବି ହୁଏନା। ତାକୁ ଭାଷା ଦେଇ ବର୍ଣ୍ଣନା କରିବା ଅସମ୍ଭବ ହୋଇପଡ଼େ ଏବଂ ବିକୃତ ହେବାର ମଧ ବହୁ ସମ୍ଭାବନା ରହିଥାଏ। ପୁଣି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗମାର୍ଗରେ ଆଧାତ୍ମିକ ଉପଲବ୍ଧିକୁ ପ୍ରକାଶ କରାଯାଏ ନାହିଁ। ପ୍ରକାଶ କଲେ ନିଜର ଅହମିକା ବଢ଼ିବାର ଭୟ ଥାଏ। ଅଗ୍ରଗତିରେ ବାଧା ପଡ଼ିବାର ସମ୍ଭାବନା ମଧ୍ୟ ଥାଏ। ପୁଣି ପୁରାତନ ଯୋଗମାନଙ୍କରେ ଯାହା ସବୁ ସର୍ବଶେଷ ଅନୁଭୂତି, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗର୍ମାରେ ସେସବୁ ଅନୁଭୂତି ଅତି ପ୍ରାରମ୍ଭରେ ଆସୁଥିବାରୁ ମାତୃସନ୍ତାନମାନେ କାଳେ ନିଜ ଭିତରର ଭାରସାମ୍ୟ ହରାଇ ବସିବେ ସେଥିଲାଗି ଏ ସବୁ ଅନୁଭୂତି ପ୍ରକାଶ କରିବା ମନା' ବୋଲି କୁହାଯାଇଥାଏ।

ଯେତିକି ଯେତିକି ବ୍ୟକ୍ତି ମା'ଙ୍କୁ ଭଲପାଇବାକୁ ଲାଗେ, ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଏବଂ ଭରସା ରଖି ମା'ଙ୍କ କାମରେ ଆଗେଇବାକୁ ଲାଗେ; ଯେତିକି ଯେତିକି ମା'ଙ୍କର ହେବାକୁ ଲାଗେ; ଯେତିକି ଯେତିକି ମା'ଙ୍କ ନାମ ରଟନ, ଚିନ୍ତନ, ସ୍ମରଣ, ମନନ, ଆଦି କରିବାରେ ଆନନ୍ଦ ପାଏ; ଯେତିକି ଯେତିକି ମା'ଙ୍କ କଥା କହିବାରେ, ମା'ଙ୍କ ବହି ପଢ଼ିବାରେ, ମା'ଙ୍କ ଗୀତ ଗାଇବାରେ, ମା'ଙ୍କ ଲେଖା ଲେଖିପାରେ- ମୋଟାମୋଟି ମାତୃଚେତନାରେ ରହି ସକଳ କର୍ମକୁ ମା'ଙ୍କ ସେବା ଭାବରେ କରିବାରେ ଆନନ୍ଦ ପାଏ, ସେତିକି ସେତିକି ପରିମାଣରେ ମା'ଙ୍କର ଦିବ୍ୟ କୃପାକୁ ଅଧିକରୁ ଅଧିକ ଅନୁଭବ କରିବାକୁ ସକ୍ଷମ ହୁଏ। ମା'ଙ୍କର କୃପାର ଅନ୍ତ ନାହିଁ ଯେପରି - ମା'ଙ୍କ କୃପାର ହେତୁ ନାହିଁ ସେପରି। ସେଥିପାଇଁ ମୁଁ ତାକୁ ମାତୃକୃପା ଅହେତୁକୀ ବୋଲି କହିଥାଏ।

ବ୍ୟକ୍ତିଗତ ଅନୁଭୂତିକୁ ତ ପ୍ରକାଶ କରିବା ମନା। କିନ୍ତୁ ଯଦି ଏପରି କିଛି କଥା ଥାଏ ଯେଉଁ କଥା ଜାଣିଲେ ଅନ୍ୟମାନେ ଉପକୃତ ହେବେ, ଅନ୍ୟମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିବ, ଅନ୍ୟମାନଙ୍କୁ ଦିଗଦର୍ଶନ ଦେବ, ଅନ୍ୟମାନଙ୍କୁ ଯାତ୍ରା ପଥରେ ସାହାଯ୍ୟ କରିବ, ଅନ୍ୟମାନଙ୍କୁ ଅନୁପ୍ରାଣିତ ହେବାରେ ପ୍ରେରଣା ଯୋଗାଇବ ସେପରି ସ୍ଥଳରେ ଏପରି କଥା ପ୍ରକାଶ କରାଯାଇଥାଏ। ସମୂହ ମଙ୍ଗଳ ଦୃଷ୍ଟିରୁ ନଚେତ ବହୁ ପୁରୁଖା ମାତୃସନ୍ତାନମାନଙ୍କର ଅପ୍ରକାଶ୍ୟ ଘଟଣାବଳୀ କାଳ ଗର୍ଭରେ ପୋତିହୋଇ ରହିଯିବ। ତେଣୁ ଭାବିଛି ମାତୃଭବନ ପତ୍ରର 'ସ୍ମୃତି ସମାଚାର' ଶୀରୋନାମାରେ 'ମାତୃକୃପା ଅହେତୁକୀ' ସିରିଏଲରେ ଗୋଟିଏ ଗୋଟିଏ କାହାଣୀ ଲେଖିବି। ଏହି କାହାଣୀଗୁଡ଼ିକ ମୁଁ ଭଲଭାବରେ ଜାଣିଥିବା କଥାସବୁ।

ମୁଁ 'ମାତୃଭବନ ପତ୍ର'ରେ ଏହି ମାତୃକୃପା ଅହେତୁକୀକୁ ଶ୍ରୀମା'ଙ୍କ ଶ୍ରୀଚରଣାରବିନ୍ଦରେ ନିବେଦନ କରୁଛି।

ମାସ, ମସିହା ଆଜି ମନେ ପଡୁନାହିଁ। ସେତେବେଳେ ମାତୃକର୍ମୀମାନେ ପ୍ରପତ୍ତି ବାବାଜିଙ୍କ ନିର୍ଦ୍ଦେଶରେ ଓଡ଼ିଶାରେ ବୁଲି ମା'ଙ୍କ କାମ କରୁଥିଲେ। ସେତେବେଳର ମାତୃକର୍ମୀମାନେ ନୂଆ ନୂଆ ମା'ଙ୍କ କାମରେ ଲାଗି ପଡ଼ିଥାନ୍ତି। ସେତେବେଳ ସମୟରେ କଷ୍ଟ ବାଧାବିଘ୍ନ ଝଡ଼ଝଞ୍ଜା, ସବୁ ଆସୁଥିଲା ଯେପରି, ମା'ଙ୍କର କୃପାକୁ ପ୍ରତିଟି ମୁହୂର୍ତ୍ତରେ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରାଯାଉଥିଲା ସେପରି। ମା'ଙ୍କ କାମ କରିବାରେ ଯେଉଁ ଆନନ୍ଦ ସେ

ଆନନ୍ଦକୁ ଜଣେ ଯଥାର୍ଥ ମାତୃ ସନ୍ତାନ ହିଁ ଅନୁଭବ କରିପାରିବ।

ଦିନେ ଜଣେ କର୍ମୀ ବଲାଙ୍ଗୀରରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ର ସମ୍ମିଳନୀରେ ଯୋଗଦେଇ ସେଠା ଯୋଗମନ୍ଦିରର ତତ୍‌କାଳୀନ ସଭାପତି ସ୍ୱର୍ଗତଃ ନରସିଂହ ଚୌଧୁରୀଙ୍କ ବାସଭବନରେ ଥା'ନ୍ତି। ତା ଆରଦିନ ତାଙ୍କର ସୁନ୍ଦରଗଡ଼ ଯିବା କାର୍ଯ୍ୟକ୍ରମ ଥାଏ। ରାତ୍ରରେ ଶୋଇଛନ୍ତି। ସ୍ୱପ୍ନରେ ଦେଖିଲେ, "ଗୋଟାଏ କିଚିମିଚିଆ ତ୍ରିପଣ୍ଡ କଳା ବର୍ଣ୍ଣର ସ୍ତ୍ରୀ ଲୋକ। କଳା ଶାଢ଼ୀଟାଏ ପିନ୍ଧିଛି। ବଡ଼ବଡ଼ ବିକଟାଳ ଦାନ୍ତସବୁ। ଆଖି ଦୁଇଟା ରକ୍ତବର୍ଣ୍ଣ। ନିଆଁ ପରି ଜଳୁଛି। ତାର ଦେହ ମୁଣ୍ଡ ଚାରିଆଡ଼ ଖାଲି ଲମ୍ବା ଲମ୍ବା ହାତ। ସେ ଭୟଙ୍କର ରାଗିକରି ସବୁଗୁଡ଼ାକ ହାତ ସେହି କର୍ମୀଙ୍କ ଆଡ଼କୁ ବଢ଼େଇ ଦେଇ ଆକ୍ରମଣ କରିବା ଭଙ୍ଗୀରେ କହିଲେ, "କିରେ ! ତୁ କ'ଣ ସବୁବେଳେ ମା' ମା' ହେଉଛୁ ? ତୋ ଜିଭକୁ ଓପାଡ଼ି ଦେବି।" ହଠାତ୍ ନିଦ ଭାଙ୍ଗିଗଲା। ଧଡ଼ପଡ଼ ହୋଇ କର୍ମୀଜଣକ ବିଛଣାରେ ବସିପଡ଼ିଲେ। ତାଙ୍କ ତଣ୍ଟିଟା ଦରଜ ଲାଗୁଛି। ଜିଭଟା ଗୋଦରିଆ ଲାଗୁଛି। ରାତ୍ରରେ ଆଲୁଅ ଜାଳି ଦର୍ପଣରେ ଟର୍ଚ୍ଚ ଟିପି ଜିଭକୁ ଦେଖିଲେ। କିଛି ଜାଣି ପାରିଲେ ନାହିଁ। ସକାଳୁ ଦର୍ପଣରେ ଦେଖିଲା ବେଳକୁ ଜିଭରେ ଗୋଟେ ଘା ପରି ବାହାରିଛି। ବହୁତ ଦରଜ ହେଉଛି। କର୍ମୀ ଜଣକ ନରସିଂହ ଚୌଧୁରୀଙ୍କୁ ସବୁକଥା କହିଲେ। ସେ ଡାକ୍ତର ଡାକିବାକୁ କହିବାରୁ କର୍ମୀ ଜଣକ ମନା କରିଦେଲେ। କାରଣ ଡାକ୍ତର ଯଦି କୌଣସି କାରଣରୁ ଅଟକାଇ ଦିଅନ୍ତି ତେବେ ତା ପରିଦିନ ସୁନ୍ଦରଗଡ଼ କାର୍ଯ୍ୟକ୍ରମରେ ବାଧା ପଡ଼ିବ। କର୍ମୀଜଣକ ନିତ୍ୟକର୍ମ ସାରି ଟିକିଏ ବିଶ୍ରାମ ନେଇଛନ୍ତି ଦେଖିଲେ ସ୍ୱପ୍ନରେ ମା' ଆସି କର୍ମୀଙ୍କୁ କହୁଛନ୍ତି, 'ଦେଖିରେ ବାପା, ଆଁ କଲୁ।' କର୍ମୀଟି ପାଟି ମେଲାକରି ଜିଭ କାଢ଼ି ମା'ଙ୍କୁ ଦେଖାଉଛନ୍ତି। ମା ଜିଭ ଦେଖି କହୁଛନ୍ତି, "ଏଇଟା ତ କାନ୍‌ସର। ହଉ ବ୍ୟସ୍ତ ହଅନା। ଭଲ ହୋଇଯିବ।" ଏହା କହି ଗୋଟେ ତୁଳା କାଠିରେ କ'ଣ ନାଲିଆ ନାଲିଆ ଦିଶୁଥିବା ଔଷଧ ନେଇ କର୍ମୀଙ୍କ ଜିଭରେ ହୋଇଥିବା ଘା'ରେ ଲଗାଇ ଦେଉଛନ୍ତି। ତାପରେ କର୍ମୀ ପ୍ରସ୍ତୁତ ହୋଇ ବଲାଙ୍ଗୀର ରାଉରକେଲା ବସରେ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରା କଲେ।

ସୁନ୍ଦରଗଡ଼ ବସ୍ ଷ୍ଟେସନ ମାଷ୍ଟର ସେତେବେଳେ ଥିଲେ ଘୋଷ ବାବୁ। ନାଁଟା ମନେ ପଡୁନାହିଁ। ସେ ଜଣେ ଭଲ ହୋମିଓ ଚିକିତ୍ସକ ଏବଂ ମା' ଙ୍କ ଭକ୍ତ। କର୍ମୀ ଜଣକ ସୁନ୍ଦରଗଡ଼ ଗଲେ ସିନେମାହଲ ପାଖ ମାତୃଭକ୍ତ ନିରଞ୍ଜନ ମହାନ୍ତିଙ୍କ ଘରେ ରହନ୍ତି। କର୍ମୀ ଜଣକ ସୁନ୍ଦରଗଡ଼ ବସ ଷ୍ଟେସନରେ ଓହ୍ଲାଇ ପଡ଼ିଲା ବେଳକୁ ଦେଖିଲେ ଷ୍ଟେସନ ମାଷ୍ଟର ଘୋଷବାବୁ ତାଙ୍କୁ ଅପେକ୍ଷା କରିଛନ୍ତି। ଘୋଷବାବୁ କର୍ମୀଙ୍କୁ ଔଷଧ ପୁଡ଼ିଆଟିକୁ ମା'ଙ୍କର ନିର୍ଦ୍ଦେଶ ଆଁ କରନ୍ତୁ କହି କର୍ମୀଙ୍କ ପାଟିରେ ଖୁଆଇ ଦେଲେ। କର୍ମୀ ଜଣକ ବିନା ଦ୍ୱିଧାରେ ଔଷଧଟିକୁ ଖାଇ ସାରିବା ପରେ ଘୋଷବାବୁ କହିଲେ, "ଗତ କାଲି ରାତ୍ରରେ ମା' ମୋତେ ସ୍ୱପ୍ନରେ ନିର୍ଦ୍ଦେଶ ଦେଇଛନ୍ତି ଆପଣ ଆଜି ବଲାଙ୍ଗୀର ବସରେ ଆସି ଏଇ ସମୟରେ ଏଠାରେ ପହଞ୍ଚିବା ମାତ୍ରେ ଆପଣଙ୍କୁ ଏଇ ଔଷଧ ପାନକୁ ଖୁଆଇ ଦେବାପାଇଁ। ଔଷଧ ନାଁ କହିବାକୁ ମା' ମନା କରିଥିବାରୁ ଔଷଧର ନାଁ କହିଲେ ନାହିଁ। ତାପରେ ତାଙ୍କ ବସାରେ କିଛି ସମୟ ରଖି କର୍ମୀଙ୍କୁ ନେଇ ସୁନ୍ଦରଗଡ଼ ନିରଞ୍ଜନ ମହାନ୍ତିଙ୍କ ଘରେ ଛାଡ଼ିଦେଇ ଆସିଲେ। ତାପରଦିନ ଦେଖିଲା ବେଳକୁ ଜିଭରେ କୌଣସି ଘା'ର ଚିହ୍ନବର୍ଣ୍ଣ ନାହିଁ। କାନ୍‌ସର ଛୁ...।

***ମଧୁସୂଦନ ମିଶ୍ର***

●

# ଶତବାର୍ଷିକୀ ଆହ୍ୱାନ

(ପୂର୍ବ ପ୍ରକାଶିତ ଉତ୍ତାରୁ...) ଶ୍ରୀକ୍ଷେତ୍ରରେ ଥରେ ଧରଣୀ ଭାଇ କହିଲେ, "ଗୋଟିଏ ବିଚିତ୍ର ସ୍ୱପ୍ନ ଦେଖିଲି। ପ୍ରପତ୍ତି ଆସିଛନ୍ତି। ମୁଁ ତାଙ୍କୁ ପ୍ରଣାମ କରି ଡାଲିଯୋଡ଼ା ଯିବାକଥା କହିଲା ବେଳକୁ ରାଗିଯାଇ କହୁଛନ୍ତି, ତୁମେ ସବୁ କ'ଣ କରୁଛ ? କିଛି କାମ କରୁନାହଁ। ମୁଁ ଦେବଗଡ଼ ଯାଉଛି।" କଥାଟି ମୋ ମନକୁ ଆସିଲା। ତାପରେ ଦେବଗଡ଼ ଆଡ଼କୁ ଆକର୍ଷଣ ବଢ଼ିଲା। ସେମାନଙ୍କୁ ମଧ୍ୟ ସ୍ୱପ୍ନ କଥା କହିଲି। ଯେତେବେଳେ କୌଣସି କାର୍ଯ୍ୟରେ ପାଞ୍ଚଜଣ ଗୋଟିଏ ଲକ୍ଷ୍ୟନେଇ ମିଶି ଯାଆନ୍ତି- ସେହି କାର୍ଯ୍ୟ ନିଶ୍ଚୟ ସଫଳ ହୁଏ।

କାର୍ଯ୍ୟଟି କରିବାର ବିଶେଷ କୌଶଳ ହେଲା ଆନ୍ତରିକ ପ୍ରାର୍ଥନାଟିକୁ ତାଙ୍କ ପାଖରେ ନେଇ ପହଞ୍ଚାଇ ଦେବା। ଏତିକି ମାତ୍ର କଥା। ଆରମ୍ଭରୁ ଏପର୍ଯ୍ୟନ୍ତ ମୁଁ ଯେତେ କର୍ମୀଙ୍କର ନାମ ଉଲ୍ଲେଖ କଲିଣି, ଆହୁରି ଅନେକ ଅଛନ୍ତି- ଏହି ସମସ୍ତେ ଘରକରଣା ଲୋକ। ସମସ୍ତଙ୍କର ପରିବାର ଅଛି। ସମସ୍ତେ ଅଲଗା ଅଲଗା ସୋପାନରେ ଚାକିରୀ କରିଛନ୍ତି। ଅନେକଙ୍କର ଧାରଣା ଚାକିରୀ, ପରିବାର ନଥିଲେ ଯାଇ ମା'ଙ୍କ କାର୍ଯ୍ୟ କରିହେବ। ମହାରାଜ ଅନେକଙ୍କୁ ଲେଖନ୍ତି, "ଚାକିରୀ, ପରିବାର ଛାଡ଼ନ୍ତୁ ନାହିଁ। ସେସବୁ ମା'ଙ୍କର। ମା'ଙ୍କ ଚରଣରେ ସମର୍ପଣ କରି କାର୍ଯ୍ୟ କରନ୍ତୁ। ଯେଉଁମାନଙ୍କ ମନକୁ ଆସିବ, "ଆପଣ କିପରି ଛାଡ଼ିଦେଲେ, ଭଜଭାଇ ଛାଡ଼ିଦେଇଥିଲେ, ନିରାକାର ଭାଇ ଛାଡ଼ିଦେଲେ, ପ୍ରଭାତ ଭାଇ ଛାଡ଼ିଦେଲେ ? ସେମାନଙ୍କୁ ଉତ୍ତର, "ମଧୁଭାଇ ଛାଡ଼ି ନଥିଲେ, ପୂର୍ଣ୍ଣ ଭାଇ ଛାଡ଼ି ନଥିଲେ, ଦୁର୍ଗାଭାଇ ଛାଡ଼ି ନଥିଲେ, ଗୋବିନ୍ଦ ଭାଇ, ମହେନ୍ଦ୍ର ଭାଇ କେହି ଛାଡ଼ି ନଥିଲେ।" ଛାଡ଼ିବା ନଛାଡ଼ିବା ଏକ ବ୍ୟକ୍ତିଗତ କଥା। କିନ୍ତୁ ଅସଲ କଥା ମା'ଙ୍କ କାର୍ଯ୍ୟକୁ ଲକ୍ଷ୍ୟ ରୂପେ ଗ୍ରହଣ କରି ତାକୁ ମା'ଙ୍କ ଚରଣରେ ସମର୍ପଣ କରିବା। ମା' ଦ୍ୟୁମନ୍ ଭାଇଙ୍କୁ କହିଥିଲେ, ଉଦାରଜୀଙ୍କୁ କହିଥିଲେ, ଅନେକଙ୍କୁ କହିଥିଲେ, "ତୁ ମୋ କାର୍ଯ୍ୟ କର। ମୁଁ ତୋ ସାଧନା କରୁଛି।" କାର୍ଯ୍ୟପାଇଁ- କର୍ମ ଯେଉଁ ଶକ୍ତି, ତାପାଇଁ ସାଧନା ଆବଶ୍ୟକ। ସାଧନା କେବଳ ଭଗବାନ କରନ୍ତି। କାର୍ଯ୍ୟ ଯଦି ଭଗବାନଙ୍କର, ସାଧନା ଯଦି ଭଗବାନଙ୍କର ଆମର କାର୍ଯ୍ୟ ତାହେଲେ କ'ଣ ? କାର୍ଯ୍ୟ, "ଯନ୍ତ୍ରୀ ହୋଇ ଯନ୍ତ୍ର ଚଳାଅ, ଅଶୁଭ ହନ୍ତ୍ରୀ ହୋଇ ତରବାରୀ ଘୁରାଅ। ଜ୍ଞାନଦୀପ୍ତି ପ୍ରଦର୍ଶନୀ ହୋଇ ପ୍ରଦୀପ ଧର, ପ୍ରକାଶ ହୁଅ।"

***ଅନାଦି ଚରଣ ସ୍ୱାଇଁ***

# News Section (ସମ୍ବାଦ ବିଭାଗ)

## ପରମପ୍ରଭୁଙ୍କ ଜୟଯାତ୍ରା
## (୫)

ଆଜି ସୋମବାର । ଆଜି ପ୍ରଭୁ ଯିବେ ବାଲେଶ୍ୱର ଜିଲ୍ଲାର ନବୋଦ୍ୟମ କେନ୍ଦ୍ରକୁ । ସକାଳୁଆ ଶୀତ ବେଶ୍ ମନଛୁଆଁ । ଭୁପାଲ ଭାଇ ସକାଳୁ ଆସି ନବୋଦ୍ୟୋମପାଇଁ ଗୋଟିଏ ପବିତ୍ର ଦେହାଂଶଙ୍କୁ ଅଲଗା କାଢ଼ି ରଖିଦେଇଛନ୍ତି । ସେଦିନ ବ୍ୟବସ୍ଥା ଥାଏ ମାତୃଭବନର ଅନ୍ୟତମ ଟ୍ରଷ୍ଟି ଅଜିଭାଇ ପବିତ୍ର ଦେହାଂଶ ଗ୍ରହଣ କରି ବାଲେଶ୍ୱରର ମାନ୍ୟବର ମନ୍ତ୍ରୀଙ୍କ ହାତରେ ଦେବାପାଇଁ ମାତ୍ର ମନ୍ତ୍ରୀ ମହାଶୟ ଅସୁସ୍ଥ ଥିବାରୁ ଆସିପାରିନଥାନ୍ତି । ଏଣେ ବେଳ ହୋଇଯାଉଥାଏ । ରାସ୍ତା ମଧ୍ୟ ଅନେକ ଅଛି ଯିବା ପାଇଁ । ତେଣୁ ଦେବାଶିଷ ଭାଇ ସିଦ୍ଧାନ୍ତ ନେଲେ ମାତୃଭବନର ଅନ୍ୟତମ ଟ୍ରଷ୍ଟି ଶଶିପ୍ରଭା ସାମନ୍ତରାୟ ତଥା ସ୍ୱର୍ଗତଃ ଆଦିକନ୍ଦ ସାମନ୍ତରାୟଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀମାନ୍ ଶୁଭ୍ରାଂଶୁ (ଚାନୁ) ପବିତ୍ର ଦେହାଂଶ ଗ୍ରହଣ କରିବେ ଏବଂ ପାଣିକୋଇଲି ପର୍ଯ୍ୟନ୍ତ ଯିବେ । ସେଠାରୁ ଅନ୍ୟକେହି ତାଙ୍କଠାରୁ ଗ୍ରହଣ କରିନେବେ । ସେହିଭଳି ବ୍ୟବସ୍ଥା ହେଲା । ଚାନୁ ମଧ୍ୟ କୃତ୍ୟକୃତ । ମନେମନେ ମନ୍ତ୍ରୀ ମହୋଦୟଙ୍କ ଅନୁପସ୍ଥିତିକୁ କୋଟି କୋଟି ଧନ୍ୟବାଦ ଜଣାଉଥାଏ । ସକାଳର ଆଧ୍ୟାତ୍ମିକ ପରିବେଶର ମାଦକତା ବହୁତ ବଢ଼ିଯାଇଥାଏ । ଶୀତ ସକାଳ, ଅନେକ ଦୂର ଯାତ୍ରା, ତେଣୁ ଖୁବ୍ ଶୀଘ୍ର ବାହାରିବାପାଇଁ ବ୍ୟବସ୍ଥା ହୋଇଥାଏ । ଅଜିଭାଇ ସକାଳୁ ଅସୁସ୍ଥ । ଆସି ପାରୁନଥାନ୍ତି- ତେଣୁ ଭାଉଜ ଆସିଲେ ତାଙ୍କ ଦାୟିତ୍ୱ ଗ୍ରହଣ କରି ପବିତ୍ର ଦେହାଂଶ ଗ୍ରହଣ କରି ତଳେ ଅପେକ୍ଷାରେ ଥିବା ପୋଲିସ୍ ବାହିନୀଙ୍କ ନିକଟରକୁ ଅଭିବାଦନ ଗ୍ରହଣ କଲେ ଏବଂ ସୁସଜ୍ଜିତ ଗାଡ଼ିର ଆଗସିଟ୍‌ରେ ବସିଲେ । ସମ୍ମୁଖରୁ ମାତୃଭବନ ବୋଲେରୋରୁ ବନ୍ଦେମାତରମ୍ ସଙ୍ଗୀତ ଅତ୍ୟନ୍ତ ବଜ୍ର ନିନାଦ ଶବ୍ଦରେ ଶୁଣା ଯାଉଥାଏ । ପୋଲିସ୍ ଗାଡ଼ିମାନେ ଗୋଟିଏ ପରେ ଗୋଟିଏ ଏବଂ ଗାଡ଼ିଗୁଡ଼ିକ ମଧ୍ୟ ତା ପଛକୁ ପଛ ବାହାରୁଥାନ୍ତି । ମାତୃଭବନର ସକାଳର ପରିବେଶ ସାଧାରଣ ଭାବେ ଅନନ୍ୟ, ସେଥିରେ ପୁଣି ପବିତ୍ର ଦେହାଂଶଙ୍କ ଉପସ୍ଥିତି ପରିବେଶକୁ ସମ୍ପୂର୍ଣ୍ଣ ସ୍ୱର୍ଗୀୟ କରିଦେଉଥାଏ । ରାସ୍ତାର ଦୁଇ ପାର୍ଶ୍ୱରେ ମାତୃଭବନ ସ୍କୁଲ, କଲେଜର ପିଲାମାନେ ତଥା ଅପାଭାଇମାନେ ଏବଂ ସ୍ଥାନୀୟ ମାତୃଭକ୍ତମାନେ ଥାଇ ପବିତ୍ର ଦେହାଂଶଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ହାତ ଉଠାଇଥାନ୍ତି । ଧୀରେ ଧୀରେ ଗାଡ଼ିଗୁଡ଼ିକ ଗୋଟିଏ ପରେ ଗୋଟିଏ ମାତୃଭବନ ଗେଟ

ଟପି ଆଗକୁ ଚାଲିଲେ।

ପ୍ରଥମେ ଆସିବ ଛତିଆ- ମାତୃ ନିକେତନ। ପବିତ୍ର ଦେହାଂଶ ଛାଡ଼ିବା ସମୟ ନିର୍ଦ୍ଧାରିତ ହେଲେ ମଧ୍ୟ କିଏ ନେବେ ନିର୍ଦ୍ଦିଷ୍ଟ ହୋଇ ନଥିବାରୁ ପ୍ରବୋଧଭାଇ ଫୋନ କଲେ ମଧ୍ୟ ଜଣାଇ ହେଉନଥାଏ। ମାତ୍ର ହଠାତ୍ ସିଦ୍ଧାନ୍ତ ହୋଇ ଶୁଭ୍ରାଂଶୁ ପବିତ୍ର ଦେହାଂଶ ଗ୍ରହଣ କରିଥାନ୍ତି। ଛତିଆ ପ୍ରବୋଧ ଭାଇ ଖବର ପାଇ ନଥିବାରୁ ରାସ୍ତା ଉପରକୁ ଆସିପାରି ନଥାନ୍ତି। ଆମେ ଜାଣିଥାଉ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅଛି। ଏପରିକି ଦରକାର ହେଲେ ପବିତ୍ର ଦେହାଂଶ ଗାଡ଼ିରୁ ଓହ୍ଲାଇବାପାଇଁ ମଧ୍ୟ ବ୍ୟବସ୍ଥା ରଖା ଯାଇଥାଏ। ମାତ୍ର ଆଗପଛ କାରଣରୁ ଜାଣିହେଲା ନାହିଁ। ଛତିଆ ଫ୍ଲାଏ ଓଭର ଉପରେ ଗାଡ଼ି ଅଟକାଇ ଆମେ ଦେଖିଲୁ ତଳେ ପିଲା ଏବଂ ଅପାଭାଇମାନେ ଆସୁଛନ୍ତି। ଆମ ଗାଡ଼ି ଅଟକିଲା। ମନେପଡ଼ିଲା- ସାଲବେଗଙ୍କ କଥା- ୭୫୦ କୋଶ ଆସି ପାରିନଥିବାରୁ ପ୍ରଭୁ ନନ୍ଦିଘୋଷରୁ ଓହ୍ଲାଇ ନଥିଲେ। ଛତିଆର କୁନିକୁନି ପିଲାମାନେ ଉପରେ ଦେଖିଲେ ପ୍ରଭୁ ଗାଡ଼ିରେ ବସି ଅପେକ୍ଷା କରିଛନ୍ତି। ଆରମ୍ଭ କଲେ ଦୌଡ଼। ଆମେ ଉପରୁ ଯେତେ କହୁଚୁ- ଧୀରେ ଧୀରେ ଆସ। ବ୍ୟସ୍ତ ହୁଅନି। ଆମେ ଅପେକ୍ଷା କରୁଚୁ। ତଥାପି କେହି ଶୁଣୁନଥାନ୍ତି। ସବୁ ପିଲା, ଅପାଭାଇ, ପରିଚାଳକ, ପାଠଚକ୍ର ସଭ୍ୟସଭ୍ୟାମାନେ ଦୌଡ଼ୁଥାନ୍ତି। ଶେଷରେ ପବିତ୍ର ଦେହାଂଶଙ୍କ ନିକଟରେ ପହଞ୍ଚିଲା ବେଳକୁ ଶୀତରେ ମଧ୍ୟ ଝାଳ ଗମ୍ ଗମ୍ ମାତ୍ର ମୁହଁଟିମାନ ଖୁସିରେ ଫାଟିପଡୁଥାଏ। ପବିତ୍ର ଦେହାଂଶଙ୍କୁ ସ୍ପର୍ଶ କରିବାର ସୁଯୋଗ ମିଳିବ। ସମସ୍ତେ ଧାଡ଼ିବାନ୍ଧି ଧୀରେ ଧୀରେ ପ୍ରଭୁଙ୍କୁ ସ୍ପର୍ଶ କରୁଥାନ୍ତି। ଶେଷରେ ପ୍ରବୋଧ ଭାଇ।

ଆମକୁ ଶଙ୍ଖୁଳିକରି ଆମ ଆଗରେ ଯିବା ପାଇଁ ମଟରସାଇକେଲ ବାହିନୀ ଛତିଆରେ ପହଞ୍ଚିଲା ବେଳକୁ ଆମ୍ଭେମାନେ ଛତିଆ ଛାଡ଼ିସାରିଲୁଣି। ଏଥରକ ପାଣିକୋଇଲି। ରାସ୍ତାରେ ମଧ୍ୟ ଭିନ୍ନଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନାସବୁ ଥାଏ। ଆମର ଟିକେ ଆଗରୁ ସବୁ କାର୍ଯ୍ୟକ୍ରମ ଚାଲିଥାଏ। ସେଇ ଧାରାରେ ପାଣିକୋଇଲିରେ ପହଞ୍ଚିବାକୁ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ଗୋଟିଏ ଘଣ୍ଟା ଆଗରୁ ପହଞ୍ଚିଗଲୁ। ମଠାପାଟ ପିନ୍ଧି ରମେଶଭାଇ ସବୁ ପିଲା, ଅପା, ଭାଇ, ସଭ୍ୟ ସଭ୍ୟାମାନଙ୍କ ସହିତ ପ୍ରସ୍ତୁତ। ପୋଲିସ ବାହିନୀ ମଧ୍ୟ ଅଭିବାଦନ ଜଣାଇବାପାଇଁ ପ୍ରସ୍ତୁତ। ଅପେକ୍ଷାକୃତ ଟିକେ ଅଧିକ ଉଚ୍ଚ ମଞ୍ଚ ଉପରେ ପବିତ୍ର ଦେହାଂଶ ଧାରଣ କରି ଛିଡ଼ା ହେଲେ ରମେଶ ଭାଇ ଏବଂ ଶୁଭ୍ରାଂଶୁ। ଅପୂର୍ବ ସାଜସଜ୍ଜା। ପୋଲିସ ବାହିନୀ ଜଣାଇଲେ ଅଭିବାଦନ ଏବଂ ସେଠାରୁ ରମେଶ ଭାଇ ପବିତ୍ର ଦେହାଂଶ ଗ୍ରହଣ କରି ପାଣିକୋଇଲିର ସମାଧିପୀଠ ସମ୍ମୁଖରେ ସଜ୍ଜାହୋଇଥିବା ସ୍ଥାନରେ ସ୍ଥାପନ କଲେ ଏବଂ ଆରମ୍ଭ ହେଲା ସାଧାରଣ ଦର୍ଶନ।

ଗୋଟିଏ ଘଣ୍ଟା ଆଗରୁ ପରମପ୍ରଭୁଙ୍କ ପବିତ୍ର ଦେହାଂଶ ପହଞ୍ଚିଥାନ୍ତି ବୋଲି ରମେଶଭାଇ ଯେତିକି ଖୁସୀ ହେଉଥାନ୍ତି ସେତିକି ମଧ୍ୟ ବ୍ୟସ୍ତ ହେଉଥାନ୍ତି ଯଦି ଆଗରୁ ପଳାଉ ତେବେ ଅନେକ ଆସି ଦର୍ଶନ ନକରି ଫେରିଯିବେ। ତାଙ୍କୁ ପ୍ରତିଶ୍ରୁତି ଦିଆଗଲା- ଶ୍ରୀଘ୍ର ଆସିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଛାଡ଼ିବୁ ନାହିଁ।

ସୁଷମା ତା' ଘରେ ଅତିଥି ଚର୍ଚ୍ଚା ଆରମ୍ଭ

କରିଦେଲା । ପାଣିକୋଇଲିଠାରୁ ବାଲେଶ୍ୱର ଜିଲ୍ଲା ପରିଷଦର ଚେୟାରମ୍ୟାନ ଗିରିଶ୍ ଭାଇ ପବିତ୍ର ଦେହାଂଶ ଗ୍ରହଣ କରିବା କଥା । ସେ ଆସି ପହଞ୍ଚିଗଲେ । ଆମେ ପୁରା ମୁହୂର୍ତ୍ତକୁ ଅପେକ୍ଷା କରିଥାଉ । ଗିରିଶଭାଇ ଗ୍ରହଣ କଲେ ପବିତ୍ର ଦେହାଂଶଙ୍କୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ବସିଲେ । ତା'ପରେ ପିଲାମାନଙ୍କର ସେଇ ଅପୂର୍ବ ସ୍ୱର୍ଗୀୟ ପରିବେଶ ମଧ୍ୟରେ ଗାଡ଼ି ଚାଲିଲା ଚରମ୍ପା ଅଭିମୁଖେ । ଏଥରକ ଆଗରେ ମୋଟରସାଇକେଲ ଦଳ ଚାଲିଥାନ୍ତି ।

ଚରମ୍ପାରେ ମଧ୍ୟ ପୋଲିସ ବାହିନୀ ଅପେକ୍ଷାରତ । ଗିରିଶ ଭାଇ ପବିତ୍ର ଦେହାଂଶ ଧରି ପୋଲିସ ବାହିନୀ ସମ୍ମୁଖରେ ଦଣ୍ଡାୟମାନ ହେଲେ । ପୋଲିସ ବାହିନୀ ଅଭିବାଦନ ଜଣାଇଲେ ପବିତ୍ର ଦେହାଂଶଙ୍କୁ ଏବଂ ତା'ପରେ ତାଙ୍କଠାରୁ ଧରମୁଭାଇ ପବିତ୍ର ଦେହାଂଶଙ୍କୁ ଗ୍ରହଣ କରି ସମାଧି ମନ୍ଦିର ନିକଟରେ ନିର୍ଦ୍ଦିଷ୍ଟ ସୁସଜ୍ଜିତ ସ୍ଥାନରେ ରଖିଲେ । ଅନେକ ଭକ୍ତମଣ୍ଡଳୀ ତଥା ସ୍କୁଲର ଛାତ୍ରଛାତ୍ରୀ, ଅପାଭାଇ ପ୍ରଭୃତି ଦର୍ଶନ ଆରମ୍ଭ କଲେ ।

ଏହିଠାରେ ଆୟୋଜିତ ହୋଇଥାଏ ଗୋଟିଏ ଖୋଲା ଟାଟା ଗାଡ଼ି । ଅତ୍ୟନ୍ତ ନିଷ୍ଠାପର ଆୟୋଜନ । ମାତ୍ର ସେ ଗାଡ଼ିରେ ଧରି ଠିଆ ହେବାପାଇଁ ସୁବିଧା ନଥାଏ । ତେଣୁ ଯେପରି ସଜ୍ଜାହୋଇଥିଲା ସେସବୁକୁ ଫିଟାଇ ଆଉଥରେ ସଜାଇବାକୁ ହେଲା । ଅପେକ୍ଷାକୃତ ଉଚ୍ଚ । ତେଣୁ ପଛରେ ଚଢ଼ିବାକୁ ଗୋଟାଏ ଟୁଲର ସାହାଯ୍ୟ ଦରକାର । ସେଠାରେ ମଧ୍ୟ ଧରମୁ ଭାଇଙ୍କର ଅତିଥି ଚର୍ଚ୍ଚା ଚାଲିଥାଏ । ମୁଁ ଆଗରୁ କହିଦେଇଥାଏ- ଆମ ପାଇଁ ଡ୍ରାଏ ପ୍ୟାକେଟ୍ ଦେଇଦେବେ । ଧରମୁ ଭାଇ ଅତି ଆଜ୍ଞାଧୀନ ଭଳି ତାହାହିଁ କରିଥିଲେ । ସମସ୍ତ କାର୍ଯ୍ୟ ଶେଷକରି ଖୋଲା ଗାଡ଼ିରେ ଚଢ଼ିଲୁ । ଚରମ୍ପାରୁ ଆଉ ପ୍ରାୟ ୧୮ କି.ମି. ନବୋଦ୍ୟମ । ସନ୍ଧ୍ୟା ୫ଟାରେ ପବିତ୍ର ଦେହାଂଶଙ୍କୁ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ଥାଏ । ସେଠାରେ ମଧ୍ୟାହ୍ନ ଭୋଜନ ମଧ୍ୟ ନେବାକୁ ହେବ । ରାସ୍ତା ଅତିକ୍ରମ କରି ଗାଡ଼ିଗୁଡ଼ିକ ଆସି ପ୍ରଥମେ ପହଞ୍ଚିଲେ ମାର୍କୋଣା ନିକଟରେ । ମହେନ୍ଦ୍ରଭାଇଙ୍କ ଓଡ଼ିଶାର ପ୍ରଥମ ଆବାସିକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ସେଠାରେ ଅଳ୍ପ ସମୟ ପାଇଁ ପ୍ରଭୁଙ୍କ ପବିତ୍ର ଦେହାଂଶ ରଖାଯିବାପରେ ସମସ୍ତଙ୍କର ଦର୍ଶନ ସାରି ଆମେ ପୁଣି ଖୋଲାଗାଡ଼ିକୁ ଚାଲିଲୁ । ମୋଟର ସାଇକେଲଗୁଡ଼ିକ ମଧ୍ୟ ଆଗରେ ଚାଲିଥାନ୍ତି । ଏଥରକ ସମସ୍ତ ମାର୍କୋଣା ଗ୍ରାମ ବୁଲିବାକୁ ହେବ । ସ୍ଥାନୀୟ ଅଧିବାସୀମାନଙ୍କର ଗୋଟିଏ ଦାବି, ଅନୁରୋଧ ଏବଂ ପ୍ରାର୍ଥନା । ପ୍ରଭୁ ଆସିଛନ୍ତି ଗାଁ ବୁଲିବାକୁ । ସମଗ୍ର ଗ୍ରାମଟି ଧନ୍ୟ ହୋଇଯିବ । ଆମେ ମଧ୍ୟ ପ୍ରସ୍ତୁତ ଏପଟେ ପଶି ସେପଟେ ବାହାରିବା ପୁଣି ସେପଟେ ପଶି ଏପଟେ ବାହାରିବା- ଆମେ ବାଧ୍ୟ । ଆଜ୍ଞାଧୀନ ଭଳି ଗାଡ଼ିରେ ଛିଡ଼ା ହୋଇଥାଉ । ଗାଡ଼ିଗୁଡ଼ିକ ଗାଁ ମଧ୍ୟ ଦେଇ ଚାଲୁଥାଆନ୍ତି । ମାର୍କୋଣା ଛାଡ଼ିବା ବେଳେ ମହେନ୍ଦ୍ରଭାଇଙ୍କୁ ମଧ୍ୟ ଖୋଲା ଜିପ୍‌ର ଡାଲାକୁ ଉଠାଇ ଆଣିଥାଉ । ସେ ମଧ୍ୟ ଆମ ସହିତ ବସିଥାଆନ୍ତି । ସମଗ୍ର ଗ୍ରାମ ବୁଲି ଯେତେବେଳେ ଆମେ ସିମୁଳିଆ ଛକରୁ ନବୋଦ୍ୟୋମ ଆଡ଼କୁ ପ୍ରବେଶ କରୁ- ଦୂରରୁ ଦେଖିଲୁ ଜନ ସମୁଦ୍ର । ରାସ୍ତାର ଦୁଇପାଖରୁ ଲୋକ ଗାଡ଼ି କଡ଼େ କଡ଼େ ଦୌଡୁଥାନ୍ତି ।

ବେଳେବେଳେ ରାସ୍ତା ଏତେ ଭିଡ଼ ହୋଇଯାଉଥାଏ ଯେ ଗାଡ଼ିଗୁଡ଼ିକ ଆଗେଇ ପାରୁନଥାନ୍ତି। ପ୍ରାୟ ୨/୩ କି.ମି. ରାସ୍ତା କେବଳ ଲୋକମାନଙ୍କ ଦ୍ୱାରା ପରିପୂର୍ଣ୍ଣ। ସେଥିରେ ପୁଣି ଚାଲୁଥାନ୍ତି ଅନ୍ଧ। ଅଧିକାଂଶ ଦୌଡ଼ୁଥାନ୍ତି।

ଧୀରେ ଧୀରେ ଆମ ଗାଡ଼ିଗୁଡ଼ିକ ନବୋଦ୍ୟମ ନିକଟରେ ପହଞ୍ଚିଲା। ଅନ୍ୟ ଗାଡ଼ିଗୁଡ଼ିକୁ ରାସ୍ତାକଡ଼କୁ ପଠାଇ କେବଳ ପବିତ୍ର ଦେହାଂଶ ଖୋଲା ଗାଡ଼ିକୁ ନବୋଦ୍ୟମ ମଧ୍ୟକୁ ଛାଡ଼ିଦିଆଗଲା। ଅପୂର୍ବ ସାଜସଜ୍ଜା। ଆମେ ଯେଉଁମାନେ ଗାଡ଼ିରେ ଛିଡ଼ା ହୋଇଥାଉ- ଆମର ମୁଣ୍ଡ ବାଜୁଥାଏ- ଉପର ଜରି ସଜାରେ। ତାରି ମଧ୍ୟରେ, ହାତରେ ଉପର ଜରିକୁ ଟେକି ଟେକି ଗାଡ଼ି ଧୀରେ ଧୀରେ ଆଗଉଥାଏ। ଗେଟ୍ ପାଖାପାଖି ଅଟକିଗଲା। ଆଉ ଆଗେଇବା ପ୍ରଶ୍ନ ନାହିଁ। ମାତ୍ର ସେଠାରୁ ନେବା କିପରି ? ଏ କ'ଣ ଲୋକ ଭଳି ଲୋକ ! ବର୍ଣ୍ଣନା କରିବାର ହୋଇଥିଲେ ମୁଁ ବର୍ଣ୍ଣନା କରିଦେଇଥାନ୍ତି। କିଏ ହେଲେ କହିପାରିବ କି- ମୁଁ କିବା ଛାର ! କେବଳ ଚତୁର୍ଦ୍ଦିଗକୁ ଚାହିଁଦେଲେ- ଲୋକ ଛାଉଣୀ ଦେଖି ପେଟ ପୁରି ଯାଉଥାଏ। ମା'ଙ୍କର ସ୍ୱର୍ଗରାଜ୍ୟ- ଏଇ ସତେ ଓହ୍ଲାଇ ଆସୁଚି ପରା ! ସବୁ ଲୋକମାନଙ୍କୁ ଅନୁନୟ, ବିନୟ, ଧମକା ଚମକା କରି ମଧ୍ୟ କେହି ଟିକେ ଘୁଞ୍ଚୁ ନଥାନ୍ତି। ସେମାନେ ଘୁଞ୍ଚିବେ ବା କୁଆଡ଼େ ? ସୋରିଷ ପକାଇବାକୁ ଥାନ ନାହିଁ ବୋଲି କାହାଣୀରେ ବର୍ଣ୍ଣନା ଥାଏ। ତାହା ପ୍ରତ୍ୟକ୍ଷ କଲୁ। ବହୁତ କଷ୍ଟରେ ଠେଲି ଠେଲି ଟିକେ ଜାଗା କରି ତାରି ମଧ୍ୟରେ ପରମ ପ୍ରଭୁଙ୍କୁ ଧରି ଗିରିଶ ଭାଇ ଓହ୍ଲାଇଲେ। ତାଙ୍କୁ ଚତୁର୍ଦ୍ଦିଗରୁ ଘେରି ପୋଲିସ ବାହିନୀଙ୍କ ସମ୍ମୁଖସ୍ଥ ମଞ୍ଚ ନିକଟକୁ ନିଆଗଲା। ଗୋଟିଏ ପାଦ ଚାଲିଲା ବେଳକୁ ମଧ୍ୟ ଚତୁର୍ଦ୍ଦିଗରୁ ଲୋକମାନେ ମାଡ଼ି ଆସୁଥାନ୍ତି। ପୋଲିସ ବାହିନୀଙ୍କ ଅଭିବାଦନ ପରେ ସ୍କୁଲ ଛାତ୍ରଛାତ୍ରୀମାନେ ମାର୍ଚ୍ଚପାଷ୍ଟ କରି ପବିତ୍ର ଦେହାଂଶଙ୍କୁ ଅଭିବାଦନ ଜଣାଇଲେ। ବିନେନ୍ଦ୍ର ଭାଇଙ୍କ ପରିଚାଳନାରେ ଏ କାର୍ଯ୍ୟ ଶେଷ ହେବା ପରେ - ଗିରିଶଭାଇଙ୍କଠାରୁ ଗ୍ରହଣ କଲେ ଧୀରେନ୍ଦ୍ର ଭାଇ। ଧୀରେ ଧୀରେ ଚାଲିଲେ ନିର୍ଦ୍ଧାରିତ ସ୍ଥାନକୁ। ଏତିକିବେଳର ଦୃଶ୍ୟ ଅବର୍ଣ୍ଣନୀୟ। ମହିଳମାନେ ତାରି ମଧ୍ୟରେ ଦୁଇପାଖରେ ଥାଳିରେ ଦୁବ ବରକୋଳି ପତ୍ର ଧରି ହୁଳହୁଳି ପକାଇ ଆଳତୀ କରୁଥାନ୍ତି। କି ଦୃଶ୍ୟ। ସତରେ ମର୍ତ୍ତ୍ୟରେ ସ୍ୱର୍ଗ ଭଳି ଅନୁଭବ ହେଉଥାଏ। ହଜାର ହଜାର ମାତୃସନ୍ତାନମାନଙ୍କ ଉପସ୍ଥିତି, ଖାଲି ଉପସ୍ଥିତି ନୁହେଁ ଏକ ବ୍ୟାକୁଳ ଆସ୍ପୃହା। ସତରେ ପରମ ପ୍ରଭୁଙ୍କ ଦିବ୍ୟ ଉପସ୍ଥିତିକୁ ଏକଦମ ସାକାର କରୁଥାଏ। ପବିତ୍ର ଦେହାଂଶ ଆଦୌ ଦେହାଂଶ ଲାଗୁନଥାନ୍ତି। ପୁରାପୁରି ପରମପ୍ରଭୁଙ୍କ ବାସ୍ତବ ଉପସ୍ଥିତି ଭଳି ଲାଗୁଥାନ୍ତି।

ମନେପଡ଼ିଲା, ଅତୀତରେ ଅନେକବାର ନବୋଦ୍ୟମ ଯାଇଛି। ଧୀର ପ୍ରଭୃତି ସବୁ ଭାଇ ଅପାଙ୍କର ହୃଦୟର ଆବେଗ ଅନୁଭବ କରିଛି। ନବୋଦ୍ୟେମର ଇତିହାସ, ସବୁ ଜଣା। ମା' ନିଜେ ନିଜ ହାତରେ ଅନୁଷ୍ଠାନଟିଏ ଗଢ଼ିଦେଇଛନ୍ତି। ନଚେତ୍ ସେଠାରେ ପରମପ୍ରଭୁ ନିଜେ ସଶରୀରରେ ଆସିବା

କେବଳ ସମ୍ଭବ ହୁଅନ୍ତା ନାହିଁ । ସେଠାରେ ସବୁବେଳେ ଯେପରି ମା' ସିଧା ସଳଖ ହସ୍ତକ୍ଷେପ କରି ରହିଛନ୍ତି । ପରମପ୍ରଭୁଙ୍କ ପବିତ୍ର ଦେହାଂଶ ଦର୍ଶନ ନିମନ୍ତେ ଉପସ୍ଥିତ ପ୍ରାୟ ପନ୍ଦର ହଜାର ଦର୍ଶନାର୍ଥୀ ଧାଡ଼ି ବାନ୍ଧି ଚାଲିଲେ । ଏକାବେଳକେ ଦୁଇଟି ଧାଡ଼ି ଚାଲିଥାଏ । ଦକ୍ଷିଣପାଖ ବିଲ ମଧ୍ୟରେ ଖାଇବା ପିଇବା ପାଇଁ ବ୍ୟବସ୍ଥା କରାଯାଉଥାଏ । ସେଠାରେ ଦିନରୁ ପ୍ରସାଦ ଗ୍ରହଣର କାର୍ଯ୍ୟ ଆରମ୍ଭ ହୋଇଥାଏ ।

ଆମେ ପବିତ୍ର ଦେହାଂଶଙ୍କ ନିକଟରୁ ସମାଧି ସ୍ଥଳକୁ ଦେଖିବାକୁ ଗଲୁ । ଓଃ କି ଦୃଶ୍ୟ ! ଏତେବେଳଯାଏ ମୁଁ ମନେମନେ ସ୍ୱର୍ଗ ବୋଲି କହି କହି ଆସୁଥିଲି ମାତ୍ର ସେଠାରେ ବାସ୍ତବରେ ସ୍ୱର୍ଗର ଅନୁଭବ ହେଲା । ପରମପ୍ରଭୁଙ୍କ ବିଶ୍ରାମସ୍ଥଳ ସ୍ୱର୍ଗଭିନ୍ନ ଅନ୍ୟ ସ୍ଥାନ ନୁହେଁ । ମାତ୍ର ତା'ର ଏକ ଜାଗ୍ରତ ଏବଂ ବାସ୍ତବ ଅନୁଭବ । ଏ କଥା ଲେଖିଲାବେଳେ ମଧ୍ୟ ସେ ଦୃଶ୍ୟ ମନେପଡ଼ି ମୋର କଣ୍ଠକୁ ବାଷ୍ପରୁଦ୍ଧ କରିପକାଉଛି ।

ଚମତ୍କାର ସାଜସଜ୍ଜା । ପ୍ରତ୍ୟେକଟି ବସ୍ତୁ ଅତି ସୁନ୍ଦର ଏବଂ ନିଖୁଣ ଭାବରେ ପ୍ରସ୍ତୁତ । କେଉଁଠାରେ କିଛି କହିବାକୁ ନାହିଁ । ମିସ୍ତ୍ରୀ ମୂଲିଆ, ବିଭିନ୍ନ ବସ୍ତୁ, ନୂଆପୋଷାକ ଇତ୍ୟାଦି ସମସ୍ତ ବ୍ୟବସ୍ଥା ଖୁବ୍ ସୁନ୍ଦର ଭାବରେ ବ୍ୟବସ୍ଥିତ । ସବୁ କିଛିକୁ ଦେଖିବା ପାଇଁ କ୍ଲୋଜ୍ ସର୍କିଟ କ୍ୟାମେରା ଜରୀଆରେ ବାହାରେ ଦେଖାଯାଉଥାଏ । ଆମ୍ଭମାନଙ୍କ ପାଇଁ ନୂଆ ପୋଷାକ କରାଯାଇଥାଏ । ଠିକ ସମୟରେ ସମସ୍ତେ ପ୍ରସ୍ତୁତ । ଧୀର ପବିତ୍ର ଦେହାଂଶଙ୍କୁ ଆଣି ସମାଧି ନିକଟରେ ଥିବା ଗୋଟିଏ ଟୁଲ ଉପରେ ରଖିଲେ, ଠିକ୍ ସମୟରେ ଆରମ୍ଭ ହେଲା ମନ୍ତ୍ରପାଠ । ତା'ରି ମଧ୍ୟରେ ଭୁପାଲ ନିର୍ଦ୍ଦିଷ୍ଟ ପବିତ୍ର ଦେହାଂଶଙ୍କୁ ଧରି ସମାଧି ଚତୁଃପାର୍ଶ୍ୱରେ ତିନିଘେରା ବୁଲିବା ପରେ ପୂର୍ଣ୍ଣ ମର୍ଯ୍ୟାଦା ତଥା ନିଷ୍ଠା ସହକାରେ ସମାଧି ମଧ୍ୟରେ ସ୍ଥାପିତ କରାଗଲେ । ସାଙ୍ଗେ ସାଙ୍ଗେ ମିସ୍ତ୍ରୀ ଏବଂ ଅନ୍ୟମାନେ ସମାଧିର ବାକିଥିବା କାର୍ଯ୍ୟଗୁଡ଼ିକ ଶେଷ କରିଦେଲେ । ଆଗରୁ ସଜା ହୋଇଥିବା ଫୁଲ ଏବଂ ଭେସ୍ ଗୁଡ଼ିକ ଉପରେ ସଜାଇ ଦେବାପରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ସମାଧି ଚତୁଃପାର୍ଶ୍ୱରେ କିଛି ସମୟ ମା'ଙ୍କ ମ୍ୟୁଜିକ୍ ସହିତ ସମବେତ ଧ୍ୟାନ ଅନୁଷ୍ଠିତ ହେଲା । ତା'ପରେ ଧୀରେ ଧୀରେ ସମସ୍ତେ ପ୍ରଣାମ କରି ବାହାରକୁ ବାହାରିଲେ ଏବଂ ଅନ୍ୟମାନେ ଭିତରକୁ ଯାଇ ପ୍ରଣାମ କଲେ । ମାତୃଭବନ ତରଫରୁ ଛପାଯାଇଥିବା ବାଣୀ ସମସ୍ତଙ୍କୁ ବଣ୍ଟନ କରାଗଲା ।

ଆମ୍ଭେମାନେ ପୁଣି ଆଉ ପାଞ୍ଚୋଟି ପବିତ୍ର ଦେହାଂଶ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବୁ ବୋଲି ଶୀଘ୍ର କଟକ ଫେରି ଆସିଲୁ । ମାତ୍ର ନବୋଦ୍ୟମଠାରେ ମର୍ତ୍ତ୍ୟରେ ବାସ୍ତବରେ ସ୍ୱର୍ଗର ଅନୁଭବ ସବୁଦିନ ପାଇଁ ହୃଦୟରେ ଲିପିବଦ୍ଧ ହୋଇ ରହିଗଲା ।

***କ୍ରମଶଃ***

***ପ୍ରସାଦ ତ୍ରିପାଠୀ***

# Speech of Prof. Anand Reddy on 7th April, 2010 (From Pondicherry)

Namaskar! Its been very long since I spoke to you! Indeed I often miss the Odissi audience for their rapt and devoted attention when listening to some one speaking on Sri Aurobindo and the Mother! I was once told by a participant that you capture more the vibrations of love for the Mother in the speaker more than the words and the sound-expressions from the speaker, be it in Odissi or Bengali or English! It has been almost 15 years since I came to Orissa, and this year I was planning to come to you and meet you all but it seems God disposed for I am now indisposed and cannot make the journey to Cuttack!

